

ଧରିତ୍ରୀ ଏବଂ ଓଡିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପାନାବେଡା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର।



ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ପାନାବେଡା ହାଇସ୍କୁଲ ଛାତ୍ରୀଛାତ୍ର।



ଯାଦବ ମାଝି ବାଳିକା ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀ ଓ ଅନ୍ୟମାନେ ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ କରୁଛନ୍ତି।



ଧରିତ୍ରୀ ଏବଂ ଓଡିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଚନ୍ଦାହାଣ୍ଡି ଆଶ୍ରମ ସ୍କୁଲ ଛାତ୍ରୀ ଓ ଅନ୍ୟମାନେ।

## ପ୍ଲାଷ୍ଟିକ ଫ୍ରି ଓଡ଼ିଶା ପାଇଁ ଶପଥ

**ଚନ୍ଦାହାଣ୍ଡି,,୧।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା ପାନାବେଡା ପବ୍ଲିକ ସ୍କୁଲ, ସରକାରୀ ପାନାବେଡା ହାଇସ୍କୁଲ, ଯାଦବ ମାଝି ବାଳିକା ବିଦ୍ୟାଳୟ, ଆଶ୍ରମ ସ୍କୁଲ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ଅଭିଯାନ ଆରମ୍ଭ କରାଯାଇଛି। ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ ଫ୍ରି ଓଡିଶାକୁ ସମର୍ଥନ ଜଣାଇ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ।

# ଧାରଣାରେ ଗ୍ରାମବାସୀ,ଛାତ୍ରୀଛାତ୍ର

**ରାଇଘର,୧।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛେଳିଡଙ୍ଗରୀ ପଞ୍ଚାୟତର ସରଗୁଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସ୍କୁଲରେ ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଇ ନଥିଲେ। ଶେଷରେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟି ଦେଇ ଅଭିଭାବକ, ସ୍କୁଲ କମିଟି, ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଥିଲେ। ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ତେବେ ଜିଲା ଶିକ୍ଷା ଅଧିକାରୀ ୨ ଜଣ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ନିଯୁକ୍ତି ଦେଇଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ ମଲ୍ଲିକ ଜଣାଇବା ପରେ ଗ୍ରାମବାସୀ, ପିଲାମାନେ ଧାରଣାରୁ ଉଠିଥିଲେ।

ସରଗୁଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୪୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଶିକ୍ଷାଦାନ ନିମନ୍ତେ ୬ ଶିକ୍ଷକ ରହିଥିବାବେଳେ ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଜଣେ ମାତ୍ର ଶିକ୍ଷକ ରହିଛନ୍ତି । ଏହି ସମସ୍ୟା ନେଇ ପୂର୍ବରୁ ସ୍କୁଲ କମିଟି ଓ ଗ୍ରାମବାସୀ ଡିଇଓ ଏବଂ ଡିପିସିଙ୍କୁ ଅଭିଯୋଗ କରିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ବାରମ୍ବାର ସମସ୍ୟା ସମ୍ପର୍କରେ ଜଣାଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ପିଲାଙ୍କ ପାଠପଢାରେ ସମସ୍ୟା ଦେଖାଯିବାରୁ ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ବସିବେ ବୋଲି ଲିଖିତ ଆକାରରେ ଶନିବାର ପ୍ରଶାସନକୁ ଅବଗତ କରିଥିଲେ। ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀଙ୍କ ସହ ସ୍କୁଲ ପରିଚାଳନା କମିଟି ଧାରଣାରେ ବସି ଆନ୍ଦୋଳନ କରିଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ରାମନାଥ ଗଣ୍ଡ, ୱାର୍ଡମେମ୍ବର କାଉଡୁ ଗଣ୍ଡ, ଶ୍ୟାମଲାଲ କଲାର, ବିଜୟ ଗଣ୍ଡ, ପର୍ଶୁ ଗଣ୍ଡ, ହେମଲାଲ ଗଣ୍ଡ, ପ୍ରେମଲାଲ ଗଣ୍ଡ, ସୁବରାୟ ଗଣ୍ଡ ପ୍ରମୁଖଙ୍କ ସହ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଧାରଣାରେ ସାମିଲ ହୋଇଥିଲେ। ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଚିନ ମଲ୍ଲିକ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରିଥିଲେ। ଶିକ୍ଷକ ସମସ୍ୟାକୁ ଦୃଷ୍ଟିରେ ରଖି ଡେପୁଟେଶନ ମାଧ୍ୟମରେ ସପ୍ତାହକୁ ଉକ୍ତ ବିଦ୍ୟାଳୟରେ ୩ଜଣ ଲେଖାଏଁ ଶିକ୍ଷକ ଦିଆଯିବା ପ୍ରତିଶ୍ରୁତି ଦେବା ସହ ଧାରଣାରୁ ଓହରିଯିବା ପାଇଁ କହିଥିଲେ । କିନ୍ତୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ । ଶେଷରେ ଜିଲା ଶିକ୍ଷା ଅଧିକାରୀ ୨ ଜଣ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ନିଯୁକ୍ତି ଦେଇଥିବା ଏବିଇଓ ଜଣାଇବା ପରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ।



ଛାତ୍ରୀଛାତ୍ର ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଶିକ୍ଷକ ନିଯୁକ୍ତି ଦାବି**
- ସ୍କୁଲରେ ପକାଇଲେ ତାଲା
- ନବମ, ଦଶମ ଶ୍ରେଣୀ ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷକ
- ୨ ଶିକ୍ଷୟିତ୍ରୀ ନିଯୁକ୍ତି ପରେ ଧାରଣାରୁ ଉଠିଲେ

■ ଖେଳପଡ଼ିଆ ଜବରଦଖଲ ଉଦ୍ୟମ

# ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ବିରୋଧର ସ୍ୱର

**ନବରଙ୍ଗପୁର,୧।୧୦(ବି.ପ୍ର.)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ତହସିଲ ଅଧିନ ଖାରୀ କୋଡିଆ ଦେବତା ଆସ୍ଥାନ ନିକଟରେ ଥିବା ଖେଳ ପଡିଆକୁ କୋଷାଗୁମୁଡା ଗାଁର ୨ ଜଣ ଜବର ଦଖଲ କରିଛନ୍ତି। ସମ୍ପୂର୍ଣ୍ଣ ପଡିଆକୁ ସେମାନେ ନିଜ ଅଧିନରେ ନେବାକୁ ବଳ ପୂର୍ବକ ଏଥିରେ ପାଚେରୀ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ମାଝିଗୁଡା ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ସୋମବାର ଜଣାଇଛନ୍ତି । ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀଙ୍କ ନେତୃତ୍ୱରେ ମାଝିଗୁଡା ଗାଁର ଶତାଧିକ ମୂଳ ବାସିନ୍ଦା ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ବେଆଇନ ଭାବେ ସରକାରୀ ଜମିକୁ ଜବରଦଖଲ କରି ପାଚେରୀ କରିବାକୁ ଉଦ୍ୟମ କରୁଥିବା ଲୋକଙ୍କ ବିରୋଧରେ ସ୍ୱର ଉଠାଇ ଜିଲାପାଳଙ୍କୁ ଉପରୋକ୍ତ ବ୍ୟକ୍ତି ବିଶେଷଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଖାରୀ କୋଡିଆ ଦେବତା ପୀଠରେ ଯାନିଯାତ୍ରା ବେଳେ ଉକ୍ତ ଖେଳ ପଡିଆକୁ ପୂର୍ବ ପୁରୁଷ ଧରି ଗ୍ରାମବାସୀ ବ୍ୟବହାର କରି ଆସୁଛନ୍ତି। ଯାତ୍ରା ଦିନ ପଡିଆରେ ବିଭିନ୍ନ ଉତ୍ସବ ମଧ୍ୟ ପାଳନ କରାଯାଇଥାଏ । ଏଭଳି ସାର୍ବଜନୀନ କାର୍ଯ୍ୟରେ ବ୍ୟବହାର ହୋଇ ଆସୁଥିବା ଜମି ଉପରେ ସେମାନେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ଏହାକୁ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି। ସରକାରୀ ଜମି ଉଦ୍ଧାର କରାଯାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଉ। ନଚେତ ଜବରଦଖଲକାରୀଙ୍କ ସହ ଗ୍ରାମବାସସୀଙ୍କ ବିବାଦ ଲାଗିରହିବ ବୋଲି ଜିଲାପାଳଙ୍କୁ ଗ୍ରାମବାସୀ ଜଣାଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମାଝିଗୁଡା ଗ୍ରାମବାସୀ।

## ବିଜେଡି ବ୍ଲକ ପ୍ରଚାର କମିଟି ସଭାପତି ନିଯୁକ୍ତି

**ଚନ୍ଦାହାଣ୍ଡି,୧।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବିଜେଡିର ସମସ୍ତ କାର୍ଯ୍ୟର ପ୍ରଚାର ପ୍ରସାର ପାଇଁ ବ୍ଲକ ପ୍ରଚାର କମିଟି ସଭାପତି ତିରଣ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମନ୍ତ୍ରୀ ରମେଶଚନ୍ଦ୍ର ମାଝି ଏହି ନିଯୁକ୍ତି ପ୍ରଦାନ କରିଥିବା ବ୍ଲକ ବିଜେଡି ସଭାପତି ଗୌରହରି ନାୟକ ସୂଚନା ଦେଇଛନ୍ତି।




## ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତ୍ତି ବିଦ୍ୟାଳୟରେ ଔଷଧ ବିତରଣ କରିବେନି ଶିକ୍ଷକ

**ନବରଙ୍ଗପୁର,୧।୧୦(ବି.ପ୍ର.)**

ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ସଚିବ ଅମିୟ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦ୍ୟାଳୟରେ ଔଷଧ ବିତରଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜିଲା ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ ଏହା ଜଣାଇଛନ୍ତି। ବଲାଙ୍ଗିର ଜିଲା ସଇଁତଳା ବ୍ଲକର ଉନସର ପ୍ରାଥମିକ ବିଦ୍ୟାଳୟରେ କୃମି ନାଶକ ବଟିକା ଖାଇ ୨୫୬ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ । ଗ୍ରାମବାସୀ ରାଗିଯାଇ ଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ମାଡ ମାରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା । ଉକ୍ତ ଘଟଣା ପରେ ରାଜ୍ୟ ଶିକ୍ଷକ ସମାଜ ମର୍ମାହତ ହୋଇ ଏହି ଜାତୀୟ କାର୍ଯ୍ୟକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନବରଙ୍ଗପୁର ଜିଲାରେ ମଧ୍ୟ ଔଷଧ ବିତରଣ କାର୍ଯ୍ୟକୁ ନବରଙ୍ଗପୁର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବାତିଲ କରାଯାଇଛି ବୋଲି ଜଣାଇଛନ୍ତି ।

CLASSIFIED DISPLAY















ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୨ ଅକ୍ଟୋବର,୨୦୧୮



## ସଂକ୍ଷେପରେ

### ରାସ୍ତାକଡ଼ ସଫାକଲେ ପିଲା, ଶିକ୍ଷୟିତ୍ରୀ ଶିକ୍ଷକ



ଦଶମନ୍ତପୁର,୧।୧୦(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପ୍ରାଙ୍ଗଣସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଣୁଆଗୁଡ଼ା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।ରାସ୍ତାକଡ଼ରେ ପଡ଼ିଥିବା ଅଳିଆ, ଆବାର୍ଜନ ସଫା କରି ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଗରଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ନୀଲାବାଡ଼ି ଆରଆଇଙ୍କ ନାମରେ ଅଭିଯୋଗ



ବନ୍ଧୁଗାଁ,୧।୧୦(ଡି.ଏନ୍.ଏ.)- କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ନୀଳାବାଡ଼ି ଗ୍ରାମପଞ୍ଚାୟତର ରାଜସ୍ୱ ନିରୀକ୍ଷକ (ଆରଆଇ) ନୀଳାବାଡି ଗ୍ରାମର ଲୋକଙ୍କୁ ଜିକେପି ପଟ୍ଟା ଯୋଗାଇ ଦେବା ପାଇଁ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଛି। ଆରଆଇ ଆଜକୁ ପ୍ରାୟ ୧ ବର୍ଷ ହେବ ଜିକେପି ପଟ୍ଟା ଦେବି ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଆସୁଥିଲେ। କିନ୍ତୁ ଲୋକେ ପଟ୍ଟା ନ ପାଇ ଶେଷରେ ବନ୍ଧୁଗାଁ ତହସିଲଦାର ଶୋଭାଭୂଷଣ ଶବରଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ପୁର୍ନବାର ଗତ ଦୁଇମାସ ମଧ୍ୟରେ ଘର ପଟ୍ଟା ଦିଆଯିବ ବୋଲି କହି ମହିଳାଙ୍କଠାରୁ ସମ୍ପୃକ୍ତ ଆର୍ଆଇ ୫ ହଜାର ଟଙ୍କା ଲେଖାଏଁ ନେଇଥିବା ଅଭିଯୋଗ ହୋଇଛି। ବଡ଼ା ଏକାନି, ଚିକାଟି ଆନାମା, ପାଲାକା ଲକ୍ଷ୍ମୀ ଓ ଅନ୍ୟମାନଙ୍କଠାରୁ ଆର୍ଆଇ ଅର୍ଥ ଆଦାୟ କରିଛନ୍ତି। ଗତ କିଛି ଦିନ ମଧ୍ୟରେ ଘରବାରୀ ପଟ୍ଟା ନ ଦେଲେ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇବାକୁ ବାଧ୍ୟ ହେବୁ ସେମାନେ କହିଛନ୍ତି। ଆରଆଇଙ୍କ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନୀଳାବାଡି ଗ୍ରାମବାସିନ୍ଦା ଫକୀର ସେନାପତି ଦାବି କରିଛନ୍ତି।

### 'ମୋ ବୁଥ୍, ମୋ ଗୌରବ' କାର୍ଯ୍ୟକ୍ରମ

ବୈପାରୀଗୁଡା, ୧।୧୦(ଡି.ଏନ୍.ଏ) ବୈପାରୀଗୁଡା ବ୍ଲକ ହଳଦିକୁଣ୍ଡଠାରେ କଂଗ୍ରେସ ପକ୍ଷରୁ 'ମୋ ବୁଥ୍ ,ମୋ ଗୌରବ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜିଲା କଂଗ୍ରେସ କମିଟି ସଭାପତି ମୀନାକ୍ଷୀ ବାହିନୀପତି, କୋଟପାଡ ବିଧାୟକ ଚନ୍ଦ୍ରଶେଖର ମାଝି, ବ୍ଲକ କଂଗ୍ରେସ ସଭାପତି (୧) ଗୌରଚନ୍ଦ୍ର ପାତ୍ର ଓ (୨) ସିତୁ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଅତିଥିମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ କଂଗ୍ରେସର ନୀତି ଆଦର୍ଶକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ।

## ଡକାୟତି ଯୋଜନା ପଣ୍ଡ

# ମାଓବାଦୀଙ୍କ ନାଁରେ ଟଙ୍କା ମାଗୁଥିଲେ

- ୩ ଗିରଫ, ୩ ଚମ୍ପଟ୍
- ମାରାଣାସ୍ତ୍ର ସହ ୭୩ ହଜାର ଟଙ୍କା, ବାଇକ୍ ଜବତ

ଜୟପୁର ୧।୧୦(ନି. ପ୍ର/ଡି.ଏନ୍.ଏ)

ଜୟପୁର ସଦର ପୋଲିସ ରବିବାର ରାତିରେ ବଡ଼ ଧରଣର ଡ଼କାୟତି ଯୋଜନା ପଣ୍ଡ କରିଛି। ଘଟଣାସ୍ଥଳରୁ ୩ ଜଣ ଚମ୍ପଟ୍ ମାରିଥିବାବେଳେ ୩ ଜଣଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନନ୍ଦପୁର ଥାନା ଅନ୍ତର୍ଗତ ନୂଆଗୁଡ଼ାର ଦୈତାରୀ ଖିଲ, ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ଗୁଡାର ପ୍ରଭୁ ଗୌଡ ଓ କଳାଗୁଡ଼ାର ସୋମନାଥ ପାଙ୍ଗି। ଏମାନଙ୍କଠାରୁ ପୋଲିସ ୨ଟି ବାଇକ, ୩ଟି ଛୁରି, ଲୁହା ରଡ଼, ଲଙ୍କାଗୁଣ୍ଡ ସହ ୭୩ ହଜାର ଟଙ୍କା ,୪ଟି ମୋବାଇଲ ଜବତ କରିଛି। ଘଟଣା ଅନୁସାରେ , ଜୟପୁର ସଦର ଥାନା ଅନ୍ତର୍ଗତ ଥୋରିଡ଼ିପୁଟ ନିକଟ ପାହାଡ଼ ତଳେ ୬ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଡ଼କାୟତି ଯୋଜନା କରିଥିଲେ। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ଯୋଜନା ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ଚଢାଉ କରିଥିଲା। ପୋଲିସ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିବାବେଳେ ୩ ଫେରାର ହୋଇଯାଇଛନ୍ତି। ଏହି ଡ଼କାୟତି ଦଳ ଗତ ଦିନରେ ବ୍ରାମୁଣି ଗାଁର ପ୍ରଫୁଲ ସାହୁଙ୍କୁ ଫୋନରେ ମାଓବାଦୀ ନାମରେ ଧମକ ଦେବା ସହ ୭ ଲକ୍ଷ ଟଙ୍କା ଦାବି କରିଥିଲେ। ଏହା ନଦେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏନେଇ ପ୍ରଫୁଲ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିଲା। ପଚରାଉଚରା ପରେ ଗିରଫ ଦୁର୍ବୃତ୍ତମାନେ ପୋଲିସ ସମ୍ମୁଖରେ ଘଟଣା ସମ୍ପର୍କରେ କହିଛନ୍ତି। ଗିରଫ ସୋମନାଥଙ୍କ ନାମରେ ଆଗରୁ ନକଲି ମାଓବାଦୀ ନାମରେ ଲୋକଙ୍କୁ ଧମକ ଦେବା ମାମଲା ମଧ୍ୟ ରହିଛି। ଏହି ଡ଼କାୟତି ଦଳ ଯୋଜନା କରୁଥିବା ବେଳେ ଏହାକୁ ପୋଲିସ ପଣ୍ଡ କରିଥିବା ସଦର ଥାନା ଅଧିକାରୀ କୈଳାସ ସେଠୀ ସୋମବାର ସୂଚନା ଦେଇଛନ୍ତି। ଏମାନଙ୍କ ନାମରେ ପୋଲିସ ୧୫୧/୧୮ ମାମଲା ରୁଜୁକରି କୋରାପୁଟ ଚାଲାଣ କରିଛି। ଫେରାର ଦୁର୍ବୃତ୍ତଙ୍କୁ ଖବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।



ଗିରଫ ଅଭିଯୁକ୍ତଙ୍କ ସହ ଥାନା ଅଧିକାରୀ ।



ଜବତ ମାରଣାସ୍ତ୍ର ।

## ଢ଼ିକି ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ

# ଦୁର୍ବୃତ୍ତଙ୍କୁ ପିଟିଲେ, ପୋଲିସରେ ଜିମା ଦେଲେ

ଜୟପୁର୧।୧୦(ନି. ପ୍ର.):

ଜୟପୁର ମୁଖ୍ୟ ରାସ୍ତାରେ ସ୍ୱଷ୍ଟ ଦିବା ଲୋକରେ ଡିକି ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ବେଳେ ଲୋକେ ଦୁର୍ବୃତ୍ତଙ୍କୁ ଧରି ନିସ୍ତୁକ ପିଟିଛନ୍ତି। ଜୟପୁର ଜଗତଜନନୀ ପିସିଓ ମାଲିକ ଶିବ ରାମ ମଲ୍ଲିକ ବାଇକ ରଖି ୧୦ଟାରେ ଦୋକାନ ଖୋଲିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବାବେଳେ ମାଲିକ ପାଟି କରିଥିଲେ। ପରେ ନିକଟସ୍ଥ ଟାକ୍ସି ୟୁନିୟନର ଡ୍ରାଇଭରମାନେ ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଦୁର୍ବୃତ୍ତଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଲୋକେ ଦୁର୍ବୃତ୍ତଙ୍କୁ ଜିମା ଦେଇଥିଲେ । ଶିବଙ୍କ କହିବାନୁଯାୟୀ, ଉକ୍ତ ବ୍ୟାଗରେ ୧୭ରୁ ୧୮ ହଜାର ଟଙ୍କା ଓ ୬ଟି ମୋବାଇଲ ରହିଥିଲା। ଅଭିଯୁକ୍ତ ଯୁବକ ଜଣକ ଗଞ୍ଜାମ ଜିଲାର ସୋରଡାର ବୋଲି ଜଣାପଡ଼ିଛି।





ବୈଠକରେ ଉପସ୍ଥିତ ଅତିଥି।

# ବିଜେଡିର ମହିଳା ସମାବେଶ

ଲକ୍ଷ୍ମୀପୁର, ୧।୧୦

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମାଠାରେ ବିଜେଡିର ଏକ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ମହିଳା ସଭାନେତ୍ରୀ ଏମ୍. ଗମାଙ୍ଗଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ସମାବେଶରେ ଦଶମନ୍ତପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଲକ୍ଷ୍ମୀପୁର ଅଞ୍ଚଳର ବହୁ ମହିଳା ଉପସ୍ଥିତ ଥିଲେ। ସରକାରଙ୍କ ମହିଳା ବିକାଶ ଯୋଜନାକୁ ଲୋକାଭିମୁଖୀ କରିବାକୁ ଲକ୍ଷ୍ମୀପୁର ନିର୍ବାଚନୀ ମଣ୍ଡଳରେ ବିଜେଡି ମହିଳା ସଂଯୋଜିକା ପୁଷ୍ପା କୌଶଲ୍ୟା ଆହ୍ୱାନ ଦେଇଥିଲେ। ସମାବେଶରେ ବିଜେଡିର କାର୍ଯ୍ୟକାରୀ ସଭାପତି ରୀତା ପାଣିଗ୍ରାହୀ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ଝିନ ହିକ୍କା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କମ୍ଳୁ ଜାନି, ଓଡିଶା ଖଦି ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡା, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପାଙ୍ଗି, କିଟ୍ ଅଧ୍ୟକ୍ଷ ଅଶୋକ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଓଡିଶା ସମବାୟ ସଦସ୍ୟ ରାଧେଶ୍ୟାମ ଜାନି, ଲକ୍ଷ୍ମୀପୁର ଯୁବ ବିଜେଡି ସଭାପତି ପିଣ୍ଟୁ କୌଶଲ୍ୟା, ଦଶମନ୍ତପୁର ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ବିଶୋଇ ପ୍ରମୁଖ ଉପସ୍ଥିତ ରହି ଦଳକୁ ଜିଲାରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମଶାଳା

# ଲୋକଙ୍କ ନିକଟତର ହେବାକୁ ପରାମର୍ଶ

କୋରାପୁଟ, ୧।୧୦(ସ୍ୱ.ପ୍ର.)–

 କୋରାପୁଟ ବ୍ଲକମାଛରା ଗ୍ରାମରେ 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ' ଅନ୍ତର୍ଗତ ପଞ୍ଚାୟତସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡି କାର୍ଯ୍ୟ କରୁଥିବା ସେ କହିଛନ୍ତି। ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୭ ଲକ୍ଷ ଟଙ୍କା ବୀମାଭୁକ୍ତ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୁର୍ବତନ ବିଧାୟକ ରଘୁରାମ ପୋଡାଲ ଯୋଗଦେଇଥିଲେ। ଦଳୀୟ କର୍ମୀମାନେ ଗାଁକୁ ଯାଇ ବିଜେଡିର ବିଭିନ୍ନ ଜନ କଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅତିଥିମାନେ ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବିଜେଡି ଯୁବ ନେତା ଭାଗୀରଥି ପାଟନିଆ, ଜିଲା ଉପସଭାପତି ତ୍ରିପୁରାରୀ ଗରଡା, ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ସଦସ୍ୟ ମଦନ କିରସାନୀ, ବ୍ଲକ ସଭାପତି ସାହେବ ଖିଲ, ଜିଲା ସମ୍ପାଦକ ଉତ୍କଳ ରଞ୍ଜନ ନାୟକ, ଜିଲା ପରିଷଦର ଉପାଧ୍ୟକ୍ଷ ତୁଳସୀ କିରସାନୀ ପ୍ରମୁଖ ଉପସ୍ଥିତ ଥିଲେ।





କର୍ମଶାଳାରେ ଉପସ୍ଥିତ ଦଳୀୟ କର୍ମୀ।

## ଟାଉନଥାନା ଭିତରେ ଟାଭେରା ପଶିବା ଘଟଣା

# ଗଞ୍ଜେଇ ନ ନେଲେ ମାରିଦେବାକୁ ଥିଲା ଧମକ

ଜୟପୁର,୧।୧୦(ଡି.ଏନ.ଏ/ନି.ପ୍ର)

ଜୟପୁର ଟାଉନଥାନା ଭିତରେ ରବିବାର ଟାଭେର ଧସେଇ ପଶିବା ଘଟଣାର ରହସ୍ୟ ଖୋଲିଛି ପୋଲିସ। ଏନେଇ ଖୋର୍ଦ୍ଧା ଜିଲା ଜଟଣି ଥାନା ଅଞ୍ଚଳର ସୁରେଶ ଦଳେଇ (୩୪) ଓ ସୁଶାନ୍ତ ବେହେରା (୩୦) ଏବଂ ବ୍ରହ୍ମପୁର ସହର ବାଲାଜୀ ପେଣ୍ଠର ରବୀନ୍ଦ୍ର ସାହୁ (୩୨)ଙ୍କୁ ଗରିଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଜଣେ ଫେରାର ଥିବା ଜଣାପଡ଼ିଛି। ଅନୁଗଳ ସହରର ଏକ ଟାଭେରାରେ ଗୁପ୍ତେଶ୍ୱରକୁ ବୁଲିଯିବା ଉଦ୍ଦେଶ୍ୟରେ ୪ଜଣ ଜୟପୁରକୁ ୨୮ରେ ଆସିବା ସହିତ ସ୍ଥାନୀୟ ଏକ ଲଜ୍‌ରେ ରହିଥିଲେ। ଏଥିରେ ଡ୍ରାଇଭର ଭାବେ ଦେବଗଡ ଅଞ୍ଚଳର ରମାକାନ୍ତ ସାହୁ ଆସିଥିଲେ । କିନ୍ତୁ ଜୟପୁରଠାରେ ଅଭିଯୁକ୍ତମାନେ ଡ୍ରାଇଭରକୁ ଲମତାପୁଟ ଯାଇ ସେଠାରୁ ଗଞ୍ଜେଇ ନେବାକୁ କହିଥିଲେ। ହେଲେ ଡ୍ରାଇଭର ଏହାକୁ ନେବାକୁ ମନା କରିଦେଇଥିଲେ। ଅଭିଯୁକ୍ତମାନେ ଗଞ୍ଜେଇ ନ ନେଲେ ତାଙ୍କୁ ଜୀବନରୁ ମାରିଦେବା ସହ ଗାଡ଼ି ଲୁଟି ନେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଡ୍ରାଇଭର ରାଜି ହୋଇ ଜୟପୁରଠାରୁ ଲମତାପୁଟ ଯାତ୍ରା ନିମନ୍ତେ ବାହାରିଥିଲେ । ଟାଭେରାକୁ ଦୃତଗତିରେ ଜୟପୁର ଟାଉନଥାନା ଭିତରକୁ ପ୍ରବେଶ କରାଇଥିଲେ। ଏପରି ପୋଲିସ ସମ୍ମୁଖରେ ଡ୍ରାଇଭର ପ୍ରକାଶ କରିଥିବା ଟାଉନଥାନା ଅଧିକାରୀ ବଳେଶ୍ୱର ଗିଧି ସୂଚନା ଦେଇଛନ୍ତି।

## ମେଡିକାଲ କଲେଜରେ ନିମ୍ନମାନର କାର୍ଯ୍ୟ

# ଜିଲାପାଳ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଲେ ଚିଠି

କୋରାପୁଟ, ୧।୧୦(ସ୍ୱ.ପ୍ର)–

କୋରାପୁଟସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣରେ ଠିକାଦାର ସଂସ୍ଥା ନିମ୍ନମାନର କାର୍ଯ୍ୟ କରିଥିବା ନେଇ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛି । ଏହି ଘଟଣାକୁ ନେଇ ଆସନ୍ତା ଦିନରେ କୋରାପୁଟ ମେଡିକାଲ କଲେଜକୁ ପରିଦର୍ଶନରେ ଆସୁଥିବା ଏମସିଆଇ ଟିମକୁ ପ୍ରଭାବିତ କରିବା ସମ୍ଭାବନା ଦେଖାଦେଇଥିବା ମେଡିକାଲ କଲେଜର ଡିନ ଡାକ୍ତର କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି । ୬ ମହଲା ବିଶିଷ୍ଟ ଏହି ମେଡିକାଲ କଲେଜର ଷଷ୍ଠ ମହଲା ଦେଖିଲେ ନିମ୍ନମାନର କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଛାତରୁ ପାଣି ଗଳି ସିଲିଂ ନଷ୍ଟ ହୋଇଯାଇଛି। ଏଥିଯୋଗୁଁ ଷଷ୍ଠ ମହଲାରେ ପଡ଼ିଥିବା ସିଲଂରୁ ପ୍ଲାଏଉଡ ଝଡିବା ଆରମ୍ଭ କରିଛି । ସେହିପରି ମେଡ଼ିକାଲ କଲେଜ ପାଇପ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଗତ ବର୍ଷ ଉଦ୍‌ଘାଟିତ ହୋଇଥିବା ଏହି ମେଡିକାଲ କଲେଜ ନିମ୍ନମାନର କାର୍ଯ୍ୟ ଯୋଗୁ ମେଡିକାଲ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସମସ୍ୟାରେ ପଡୁଛନ୍ତି। ତେଣୁ କୋରାପୁଟ ଜିଲାପାଳ ମେଡିକାଲ କଲେଜ ପରିଦର୍ଶନ କରିବା ସହ ଡିନଙ୍କ ସହ ଏ ବିଷୟରେ ଆଲୋଚନା କରିବା ପରେ ମୁଖ୍ୟ ଶାସନ ସଚିବଙ୍କୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି । ଠିକା ସଂସ୍ଥା ମରାମତି କାର୍ଯ୍ୟ ତୁରନ୍ତ କରିବାକୁ ଉଚ୍ଚସ୍ତରୀୟ ନିର୍ଦ୍ଦେଶ ଦିଆଯାଇଥିବା ମେଡିକାଲ କଲେଜ ଡିନ ପ୍ରକାଶ କରିଛନ୍ତି।

# ଜଙ୍ଗଲ ଜମି ପଟ୍ଟା ସମ୍ବନ୍ଧୀୟ ଆଲୋଚନାଚକ୍ର

ପଟ୍ଟାଙ୍ଗି୧।୧୦(ଡି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ'ପ୍ରସ୍ତୁତି' ସହାୟତାରେ ଜଙ୍ଗଲ ଜମି ପଟ୍ଟା ସମ୍ବନ୍ଧୀୟ ଆଲୋଚନାଚକ୍ର ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୧୧ ପଡ଼ା ଗ୍ରାମର ଜଙ୍ଗଲ ଜମି ଅଧିକାରର କମିଟି ସଭ୍ୟାସଭ୍ୟ ଯୋଗଦେଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାର ଓ ବନବାସୀ ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକେ ୨୦୦୫ ପୂର୍ବରୁ ଯେଉଁମାନେ ଜଙ୍ଗଲ ଜମି ଉପରେ ନିର୍ଭର କରି ଚାଷ କରି ଆସୁଛନ୍ତି, ସେମାନେ କିପରି ଉକ୍ତ ଆଇନରୁ ବଞ୍ଚିତ ନ ହେବେ ସେଥିପାଇଁ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଛି ବୋଲି ଅନୁଷ୍ଠାନର ବ୍ଲକ ସଂଯୋଗ ପ୍ରତାପ କୁମାର ଆଚାର୍ଯ୍ୟ କହିଛନ୍ତି। ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ହୋଇ ଥିବା ପରିବାର ବର୍ଗ କିପରି ଉକ୍ତ ସୁବିଧା ପାଇବେ ସେନେଇ ଏକ କମିଟି ଗଠନ କରାଇ କମିଟି ଗଠନ କରାଯାଇଥିବା କୁହାଯାଇଛି। ଏହାର ସମ୍ପାଦକ ଭାବେ ପୁକାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବେଙ୍ଗୁ ଖିଲଙ୍କୁ ଚୟନ କରାଯାଇଥିବା ଉପସ୍ଥିତ ଗ୍ରାମବାସୀଙ୍କୁ ସୂଚିତ କରାଯାଇଛି। ଏଥିସହ ଗଠିତ କମିଟି ବ୍ଲକ ଓ ଜିଲା ପ୍ରଶାସନ ସହ ଯୋଗାଯୋଗ ରଖି ଆଲୋଚନା ମାଧ୍ୟମରେ ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ହୋଇଥିବା ପରିବାର ବର୍ଗଙ୍କୁ ସହଯୋଗ କରିବେ ବୋଲି ଗଠନ ହୋଇଥିବା କମିଟିକୁ ବୁଝାଇ ଥିଲେ ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ।

# ଖବରଦାତାଙ୍କୁ ଆକ୍ରମଣ ଘଟଣା: ଏସ୍‌ଡିପିଓଙ୍କୁ ଦାବିପତ୍ର

ବୋରିଗୁମ୍ମା,୧।୧୦(ଡି.ଏନ୍.ଏ.): ପୁରୀରେ ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ବୋରିଗୁମ୍ମା ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସଂଘ କର୍ମକର୍ତ୍ତା କଳାବ୍ୟାଜ୍ ପରିଧାନ କରି ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓ ହରେକୃଷ୍ଣ ମାଝିଙ୍କୁ ସଂଘ ତରଫରୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦିଆଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ଆର୍ ମାଧବ ରାଓ ପଟ୍ଟନାୟକ, କେ. ସାଳିକି ଦୋରା, ରଞ୍ଜନ ମିଶ୍ର, ଦୟାନିଧି ପଟ୍ଟନାୟକ, ଜି ମୋହନ ଦୋରା, ବିଜୟ ନାରାୟଣ ସାହୁ, ପ୍ରସନ୍ନ ମହାନ୍ତି, ପିଙ୍କୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ୩୧ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ଜୟପୁର୧।୧୦(ନି. ପ୍ର./ଡି.ଏନ୍.ଏ)

ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ୨୩ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରିଛନ୍ତି। ଇନ୍ଦିରା ଆବାସ ହିତାଧିକାରୀମାନେ ବଳକା ଟଙ୍କା ପାଇବା, ଲଗାଣ ବର୍ଷାରେ ଘର ଭଙ୍ଗା କ୍ଷତିପୂରଣ ପାଇବା ଏବଂ କେତେକ କର୍ମଚାରୀ ବଦଳି ନିମନ୍ତେ ଜିଲାପାଳ ନିକଟରେ ଅଭିଯୋଗ କରିଥିଲେ। ଜୟପୁର ବିଲ୍ଟ ପେପର ମିଲର ୩ଟି ୟୁନିୟନର କର୍ମକର୍ତ୍ତା ଓ ମିଲର କର୍ମଚାରୀମାନେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ । ଜିଲାପାଳ ଅଭିଯୋଗ ପାଇ ତଦନ୍ତ ପାଇଁ ଏଏସ୍‌ପି ଭି.ଆର ରାଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣିରେ ପିଡି ଡିୟୁଡିଏ ,ଏସଡିପିଓ ପ୍ରତ୍ୟୁଷ ଦିବାକର, ଜୟପୁର ବିଡିଓ , ଟି.ଏସ ଦିବାକର, ଡିପିସି ମହେଶ୍ୱର ନାୟକ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ସହ ଜିଲାସ୍ତରୀୟ ଆଧିକାରୀମାନେ ଉପସ୍ଥିତ ଥିଲେ।

## ଗାଁ ସାଥୀ ସଂଘର ଖବରଦାତା ସମ୍ମିଳନୀ

# ଦାବି ପୂରଣ ନ ହେଲେ ଆନ୍ଦୋଳନ

କୋରାପୁଟ,୧।୧୦(ସ୍ୱ.ପ୍ର.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟରତ ଗାଁ ସାଥୀ (ମେଟ) ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସାଧାରଣ ସଂପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଁ ସାଥୀଙ୍କୁ ଉପଯୁକ୍ତ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ, ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ତାଲିମ ଦେବା ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଚଳିତ ମାସ ୨୪ ତାରିଖ ସୁଦ୍ଧା ଗାଁ ସାଥୀମାନଙ୍କୁ ସରକାରୀ କାର୍ଯ୍ୟ ପ୍ରଦାନ ସହିତ ମାସିକ ଯଥା ସମ୍ଭବ ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରସଙ୍ଗରେ ଏକ ଚିଠି ଜିଲା ପ୍ରଶାସନକୁ ଦିଆଯିବ। ଉକ୍ତ ଚିଠି ଅନୁସାରେ ରାଜ୍ୟ ସରକାର କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗାଁ ସାଥୀମାନଙ୍କର ୧୦ ବର୍ଷର ଅଭିଜ୍ଞତାକୁ କାର୍ଯ୍ୟରେ ନ ଲଗାଇ ସରକାର ସେମାନଙ୍କୁ ଅଣଦେଖା କରୁଥିବା ନେଇ ସଂଘ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଗତ ୨୦ ଅଗଷ୍ଟରେ ଏକ ସ୍ୱତନ୍ତ୍ର ଚିଠିରେ ୨୦୦୮ର ଶିକ୍ଷାଗତ ଯୋଗ୍ୟତାରେ ଚୟନ ହୋଇଥିବା ଗାଁ ସାଥୀମାନଙ୍କର ଏକ ଡାଟାବେଶ ରିର୍ପୋଟ ଅଗଷ୍ଟ ୩୦ ସୁଦ୍ଧା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ସମସ୍ତ ଜିଲାପାଳ, ପିଡି ଡିଆରଡିଏ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଯାବତ୍ କୌଣସି ରିପୋର୍ଟ ପଞ୍ଚାୟତିରାଜ ବିଭାଗକୁ ଦିଆଯାଇ ନ ଥିବାରୁ ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ସମସ୍ତ ଜିଲା ମୁଖ୍ୟାଳୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗାଁ ସାଥୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଗାଁ ସାଥୀ ସଂଗଠକ କୈଳାସ ଚନ୍ଦ୍ର ଭତ୍ରା, ଡମ୍ବରୁ ଗୌଡ, ହରି ମାଡକାମୀ, ନୀଳାମ୍ବର ଦିଶାରି, ହରିହର ଜାନି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

# ନବନିର୍ମିତ ଚିକିତ୍ସାଳୟ ଭବନ ବୁଲି ଦେଖିଲେ ଜିଲାପାଳ

- ଆସନ୍ତା ଏକ ସପ୍ତାହରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ
- ସ୍ଥାନାନ୍ତର ପରେ ରୋଗୀ ସେବାରେ ଅବହେଳା ନ କରିବାକୁ ତାଗିଦ

ଜୟପୁର,୧।୧୦(ଡି.ଏନ.ଏ )

ବହୁ ବାଦ ବିବାଦ ପରେ କୋରାପୁଟରୁ ଜିଲା ଚିକିତ୍ସାଳୟ ଜୟପୁରକୁ ସ୍ଥାନାନ୍ତର ହୋଇଛି। ଏଠାରେ ରୋଗୀଙ୍କୁ କିପରି ଉତ୍ତମ ସେବା ପ୍ରଦାନ କରାଯିବ ସେଥିପ୍ରତି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ତତ୍ପରତା ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଜୟପୁର ସହରର ନିକଟବର୍ତ୍ତୀ ଫୁଲବେଡ଼ାଠାରେ ନର୍ବନିର୍ମିତ ଭବନକୁ ଜିଲାପାଳ ବୁଲି ଦେଖିବା ସହ କାର୍ଯ୍ୟ କିପରି ଚାଲିଛି ତଦାରଖ କରିଛନ୍ତି। ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।ସେହିପରି ସିଡିଏମଓ ଡା. ଲଳିତ ମୋହନ ରଥଙ୍କୁ ବିଭିନ୍ନ ଚିକିତ୍ସା ନିମନ୍ତେ ଆସିଥିବା ଯନ୍ତ୍ରପାତି ତୁରନ୍ତ ସ୍ଥାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମାପ୍ତ କରିବା ସହିତ ଆସନ୍ତା ଏକ ସପ୍ତାହ ମଧ୍ୟରେ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନୂତନ ଭବନକୁ ଚିକିତ୍ସାଳୟ ସ୍ଥାନାନ୍ତରିତ ହେବା ପରେ ଚିକିତ୍ସାଳୟରେ ରୋଗୀସେବା ସୂଚାରୁ ରୂପେ ପରିଚାଳନା ନିମନ୍ତେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଅଧିକାରୀ କିମ୍ବା କର୍ମଚାରୀ କାର୍ଯ୍ୟରେ ଅବହେଳା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ ଡା. ଦଧିବାମନ ତ୍ରିପାଠୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ, ଏନ୍‌ଆରଏଚ୍‌ଏମ ସହକାରୀ ନିର୍ବାହୀଯନ୍ତ୍ରୀ ଶଶାଙ୍କ ଶେଖର ସାହୁ, କନିଷ୍ଠଯନ୍ତ୍ରୀ ଶାରଦା ପ୍ରସାଦ ରଥ, ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ନବନିର୍ମିତ ଚିକିତ୍ସାଳୟ ୫୦ ବେଡ ବିଶିଷ୍ଟ । କିନ୍ତୁ ଜୟପୁର ଚିକିତ୍ସାଳୟରେ ବେଡ ସଂଖ୍ୟା ଅଧିକ ରହିଛି। ସମ୍ପୂର୍ଣ୍ଣ ସ୍ଥାନାନ୍ତର ହେଲେ କାଳେ ସମସ୍ୟା ଦେଖାଦେବ ସେଥିପାଇଁ ଫୁଲବେଡ଼ା ଭବନର ବେଡ଼ଗୁଡ଼ିକୁ ଆଡଜଷ୍ଟ କରାଯାଇଥିବା ଜଣାପଡ଼ିଛି। ସେହିପରି ମହିଳା ଓ ପ୍ରସୂତି, ଶିଶୁ , ଭେଷଜ, ଅସ୍ଥି ଓ ଶଲ୍ୟ ବିଭାଗ ପ୍ରଥମ ପର୍ଯ୍ୟାରେ ସ୍ଥାନାନ୍ତରିତ ହେବ। ସହରରେ ରହିଥିବା ପୁରାତନ ଭବନରେ ଡାଏରିଆ, ଚକ୍ଷୁ, ରକ୍ତ ଭଣ୍ଡାର ରହିବ । ସେହିପରି ସେଠାରେ ରହିଥିବା ଅର୍ବାନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଉଟଡୋର କାଜୁଆଲିଟି କରାଯିବ। ଅନ୍ୟ ପକ୍ଷରେ ରୋଗୀ ରହିବା ନିମନ୍ତେ ଇଣ୍ଡୋର ଭବନର ନିର୍ମାଣ କାର୍ଯ୍ୟ ଚାଲିଛି। ନୂତନ ଭାବେ ୬ ମହଲା ବିଶିଷ୍ଟ ଜିଲା ଚିକିତ୍ସାଳୟ ଏବଂ ଡାକ୍ତର ଓ କର୍ମଚାରୀଙ୍କ ନିମନ୍ତେ ବାସଭବନ ନିର୍ମାଣ ହେବାକୁ ଥିବା ନକ୍ସା ଜିଲାପାଳ ଦେଖିବା ସହିତ ଏହାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି କହିଛନ୍ତି।



ନବ ନିର୍ମିତ ଜିଲା ଚିକିତ୍ସାଳୟଭବନ ତଦାରଖ କରୁଛନ୍ତି ଜିଲାପାଳ ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ Rayagada, Tuesday, October 2/ 2018


## ସଂକ୍ଷେପରେ

### ଲାଟିନ ଗାତରେ ପଡି ୫ ବର୍ଷର ଶିଶୁ ମୃତ

ଚିତ୍ରକୋଣ୍ଡା,୧।୧୦-ଚିତ୍ରକୋଣ୍ଡା ଢେପସାହିର କିଶୋର କେମୁଡୁଙ୍କ ପାଞ୍ଚ ବର୍ଷର ପୁଅ ରବିବାର ଖେଳୁଥିବା ଅବସ୍ଥାରେ ବାରିପଟେ ଥିବା ଲାଟିନ ଗାତରେ ପଡିଯାଇ ତାଙ୍କର ମୃତ୍ୟୁ ଘଟିଛି। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ପୁଅକୁ ଲାଟିନ ପାଇଁ ଖୋଳାଯାଇଥିବା ଗାତରେ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରୁ ପୁଅକୁ ଉଦ୍ଧାର କରି ପରିବାର ଲୋକେ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ଲାଟିନ ଗାତଟିର ଉପରେ ଢାଙ୍କୁଣି ନ ଥିଲା। ବର୍ଷା ପାଣିରେ ଗାତଟି ପାଣି ଭର୍ତ୍ତି ହୋଇ ଥିଲା।

### ଶିଶୁ ମହୋତ୍ସବ ସୁରଭିରେ ସାମିଲ ହେଲେ ଛାତ୍ରୀଛାତ୍ର

ପାଣ୍ଡ୍ରିପାଣି,୧।୧୦-ମାଲକାନଗିରି ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ମେଟାଗୁଡା, ଗୁଡୁମପଦରରାଙ୍ଗିଣିଗୁଡା, କେନ୍ଦ୍ରପଡା, କୁରୁମପାଲିଗୁଡା, ସିନ୍ଧିଭଙ୍ଗା,ଖଡିକାଯୋଡି ଓ ଗଞ୍ଜେଇବାହାଲ ବିଦ୍ୟାଳୟର ୪୫ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ସେମାନେ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ ଓ ଶ୍ରୁତଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିଥି ରୂପେ ସନ୍ତୋଷ କୁମାର ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ବିଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।
**ପଡିଆ:** ମାଲକାନଗିରି ଜିଲା ପଡିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସଦର ମହକୁମା ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମି, ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ, ସହକାରୀ ଶିକ୍ଷା ଅଧିକାରୀ ଶଙ୍କର ସତ୍ୟ ନାରାୟଣ, ସି.ଆର.ସି.ସି ଚନ୍ଦ୍ର ମଣ୍ଡଳ, ବ୍ଲକ ମଣ୍ଡଳ ସଭାପତି କୋଟାମ୍ ବାଲାୟା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

■ ବିଶ୍ୱ ବରିଷ୍ଠ ନାଗରିକ ଦିବସ

# ସାମାଜିକ ସୁରକ୍ଷା ଚିନ୍ତା

ମାଲକାନଗିରି,୧।୧୦(ଡି.ଏନ.ଏ.)


ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଚାଲିଥିବା କ୍ରୀଡା ପ୍ରତିଯୋଗିତା।

ମାଲକାନଗିରି ଜିଲାରେ ସୋମବାର ବିଭିନ୍ନ ସ୍ଥାନରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ମାଲକାନଗିରି ସଦର ମହକୁମା ସାବେରୀ ଛାତ୍ରାବାସ ପରିସରରେ ଜିଲା ପ୍ରଶାସନ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଲକାନଗିରି ସଦର ମହକୁମା ସହ ପଡିଆ , କାଲିମେଲା , କୋରୁକୋଣ୍ଡା ଚିତ୍ରକୋଣ୍ଡା , ଖଇରପୁଟ ମାଥିଲି ଏବଂ ବାଲିମେଲା ଅଞ୍ଚଳରୁ ୨ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ମହିଳା ଏବଂ ପୁରୁଷ ନାଗରିକମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗର ଜିଲା ଅଧିକାରୀ ରାଧାମଣି ଦଳେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ କୋରୁକୋଣ୍ଡା ବ୍ଲକର ଅବସରପ୍ରାପ୍ତ ବିଡିଓ ନୃସିଂହ ଚରଣ ସେଠୀ, ଅବସରପ୍ରାପ୍ତ ଉପ ଜିଲାପାଳ ରଥିକୃଷ୍ଣ ପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସିମାଞ୍ଚଳ ପାଣିଗ୍ରାହୀ, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର ଯୋଗଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଆଜିର ଦିବସ ସମ୍ପର୍କରେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ପାଇଁ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ମାଲକାନଗିରି ଜିଲାରେ ଜନସଂଖ୍ୟାର ୧୫ ଭାଗ ବରିଷ୍ଠ ନାଗରିକମାନେ ଜିଲାର ବିଭିନ୍ନ ଅଞ୍ଚଳରେ ବସବାସ କରନ୍ତି। ସେମାନଙ୍କ ସାମାଜିକ ସୁରକ୍ଷା, ମାସିକ ୨ହଜାର ଟଙ୍କା ପେନ୍‌ସନ, ଚିକିତ୍ସା ଖର୍ଚ୍ଚ, ବସ୍ ଏବଂ ଟ୍ରେନ୍‌ରେ ଯାତାୟାତ ଅର୍ଥ ଅନେକ ସମୟରେ ପାଉ ନ ଥିବା ଉପସ୍ଥିତ ବରିଷ୍ଠ ନାଗରିକମାନେ ପ୍ରକାଶ କରିଥିଲେ । ଅନେକ ବରିଷ୍ଠ ନାଗରିକ ବିଭିନ୍ନ କ୍ଷେତ୍ରରେ ନିର୍ଯାତିତ ହେଉଥିବା ବେଳେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । ଅପରାହ୍ନରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଦାବି ନେଇ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ ।

■ ଯୋଜନା ବୋର୍ଡ ସମୀକ୍ଷା ବୈଠକ

# ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ ଅଧିକ ସହାୟତା ଦାବି

ମାଲକାନଗିରି,୧।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ଯୋଜନା କମିଟି ସମୀକ୍ଷା ବୈଠକ ସୋମବାର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କ୍ରୀଡା ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ବିଧାୟକ ମାନସ ମାଡକାମି, ବିଧାୟକ ଡମ୍ବୁରୁ ଶିଶା, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ପି.ଡି. ଲିଙ୍ଗରାଜ ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲାରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା। ଗତ ୩ ମାସ ଧରି ମାଲକାନଗିରି ଜିଲାରେ ଲଗାଣ ବର୍ଷା ଏବଂ ବନ୍ୟା କ୍ଷୟକ୍ଷତିଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କରାଯାଇ ନ ଥିବା ନେଇ ଜନ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। । ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଜୁ କେବିକେ ଯୋଜନାରେ ୪ଟି ପ୍ରକଳ୍ପରେ ୩ କୋଟି ୫୦ ଲକ୍ଷ ଟଙ୍କା ଅଟକଳ ହୋଇଥିବା ବେଳେ ଏହି ଯୋଜନାରେ ରାସ୍ତା ଉନ୍ନତୀକରଣ ଓ କଲଭର୍ଟ ନିର୍ମାଣ ଲାଗି ଗୁରୁତ୍ୱାରୋପ କରାଯାଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧୨୭୩ଟି ପ୍ରକଳ୍ପ ଲାଗି ୧୩ କୋଟି ୪୯ ଲକ୍ଷ ଟଙ୍କା ଅଟକଳ ପ୍ରସ୍ତାବ ରଖାଯାଇଛି। ଏହି ଯୋଜନାରେ ବିଦ୍ୟାଳୟ ଓ ଅଙ୍ଗନୱାଡି ଗୃହକୁ ବିଦ୍ୟୁତ୍‌କରଣ ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ୯୩୭ଟି ପ୍ରକଳ୍ପରେ ୩ କୋଟି ୪୬ ଲକ୍ଷ ଅଟକଳରେ ବିଦ୍ୟୁତ୍‌କରଣ କରିବାକୁ, ୧୯୮ଟି ପ୍ରକଳ୍ପରେ ୬ କୋଟି ୩୭ ଲକ୍ଷ ମୂଲ୍ୟରେ ସଡକ ନିର୍ମାଣ ଏବଂ ପାନୀୟ ଜଳ ପାଇଁ ୧୩୮ଟି ପ୍ରକଳ୍ପରେ ୩ କୋଟି ୪୦ ଲକ୍ଷ ଟଙ୍କା ରଖାଯାଇଛି। ତେବେ ଜିଲାରେ ବହୁ ରାସ୍ତା ଓ କଲଭର୍ଟ ଧୋଇ ହୋଇ ଯାଇଥିବାରୁ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟମାନେ ମନ୍ତ୍ରୀ ଓ ଅଧ୍ୟକ୍ଷଙ୍କୁ ବନ୍ୟା ପ୍ରପୀଡିତ ଅଞ୍ଚଳର ରାସ୍ତା ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁଦାନ ଦେବାକୁ ଦାବି କରିଥିଲେ ।

■ ଉଜ୍ଜ୍ୱଳ ଉତ୍‌ଥାନ ଯୋଜନା ଅନ୍ଧାରରେ

# ନଷ୍ଟ ହେଉଛି ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ

ମାଲକାନଗିରି,୧।୧୦ (ଡି.ଏନ.ଏ.)


ବଣ୍ଟା ନ ହୋଇ ପଡି ରହିଥିବା ପୁସ୍ତକ ।

ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ଖାଦ୍ୟପେୟଠାରୁ ଆରମ୍ଭ କରି ସମସ୍ତ ପାଠ୍ୟପୁସ୍ତକ ଯୋଗାଇ ଦେଉଛନ୍ତି। ଏଥିସହ ଉଜ୍ଜ୍ୱଳ ଏବଂ ଉତ୍‌ଥାନ ଯୋଜନା କରି ଶିକ୍ଷାରେ ଅଗ୍ରଗତି କରି ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା କରିଥିଲେ । ଏହି ଯୋଜନା ଗତ ଜୁଲାଇ ଏବଂ ଅଗଷ୍ଟ ମାସରେ ହୋଇଥିଲା। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ମଧ୍ୟ ଯୋଗାଇ ଦେଇଥିଲେ । ମାତ୍ର ଦାୟିତ୍ୱହୀନତା ଯୋଗୁ ଏହି ପାଠ୍ୟପୁସ୍ତକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିପାରିନାହିଁ। ବିଦ୍ୟାଳୟରେ ଦୀର୍ଘ ୪ ମାସ ହେଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ବିଭିନ୍ନ ବିଷୟର ବହି ବିତରଣ କରା ନ ଯାଇ ବିଦ୍ୟାଳୟରେ ପକାଇ ରଖାଯାଇଛି। ମାଲକାନଗିରି ସଦର ବ୍ଲକ ଏମ.ଭି-୧୭ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୨ଟି କୋଠରିରେ ୩ ହଜାରରୁ ଉର୍ଦ୍ଧ୍ୱ ବହି ପଡି ରହିଛି। ଫଳରେ ଛାତ୍ରୀଛାତ୍ରମାନେ ବହି ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରୋଲକନାଥ ସୁକ୍‌ଲାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କ ବିଦ୍ୟାଳୟରେ ୨ଟି କୋଠରିରେ ୩ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଛି ଯାହା ତାଙ୍କ ବିଦ୍ୟାଳୟର ନୁହେଁ। ଶିଖିପାଲି ପଞ୍ଚାୟତର ସିଆରସିସି ମାନ ଗୋବିନ୍ଦ ସ୍ୱାଇଁ ଯିଏ କି ତାଙ୍କ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି ସେ ପଞ୍ଚାୟତର ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ଏହି ବହିଗୁଡିକୁ ଏଠାରେ ରଖିଛନ୍ତି । ଏ ସନେଇ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, କେଉଁ କାରଣରୁ ସଂପୃକ୍ତ ସିଆରସିସି ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବିତରଣ କରି ନାହାଁନ୍ତି ସେ ବିଷୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ସମ୍ପୃକ୍ତ ସିଆରସିସି ସ୍ୱାଇଁଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

### ଦେଢ ମାସ ପରେ ସ୍ୱାଭିମାନ ଅଞ୍ଚଳବାସୀ ପାଇଲେ ବିଦ୍ୟୁତ୍ ସେବା

ଚିତ୍ରକୋଣ୍ଡା,୧।୧୦-

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଲଘୁଚାପ ତଥା ଲଗାଣ ବର୍ଷା ଯୋଗୁ ନଦୀ ଓ ନାଳରେ ପାଣି ଆସି କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ବୁଡି ରହିଥିଲା। ପ୍ରାୟ ଦେଢ ମାସ ହେଲା ବିଚ୍ଛିନ୍ନାଞ୍ଚଳବାସୀ ଅନ୍ଧାରରେ ରହିଥିଲେ। ଏଥିପାଇଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଉକ୍ତ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ। ଚିତ୍ରକୋଣ୍ଡା ବ୍ଲକରେ ଜନଶୁଣାଣି ଶିବିରରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଭେଟି ଜଣାଇଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ବିଭାଗୀୟ କର୍ମଚାରୀମାନେ ସସ୍ୱାଭିମାନ ଅଞ୍ଚଳରେ ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରିଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି।


ଖବରଦାତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

# ଖବରଦାତାଙ୍କୁ ଆକ୍ରମଣର ନିନ୍ଦା : ସୁରକ୍ଷା ଆଇନ ପ୍ରଣୟନ ଦାବି

ମାଲକାନଗିରି, ୧।୧୦ (ଡି.ଏନ.ଏ.)

ଗତ ୩ଦିନ ମଧ୍ୟରେ ଓଡିଶାର ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଯେଉଁ ଆକ୍ରମଣ ହୋଇଛି ଏହାର ଦୃଢ ନିନ୍ଦା କରାଯିବା ସହ ଖବରଦାତାମାନେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ସୋମବାର ଏନେଇ ଆୟୋଜିତ ଏକ ସଭାରେ ପୁରୀ ଓ ବାଲେଶ୍ୱର ଜିଲାର ସୋର ବ୍ଲକରେ ବିଧାୟକ ଖବରଦାତାଙ୍କ ଉପରେ ଆକ୍ରମଣ କରିବା ଘଟଣାକୁ ବିରୋଧ କରି ନିନ୍ଦା କରାଯାଇଛି। ଓଡିଶାରେ ଖବରଦାତାଙ୍କ ସୁରକ୍ଷା ଆଇନ ପାଇଁ ଦାବି କରାଯାଇ ସେମାନଙ୍କୁ ପୋଲିସ ସୁରକ୍ଷା ଦେବା ପାଇଁ ଦାବି କରାଯାଇଥିଲା । ଗଣତନ୍ତ୍ର ପ୍ରତି ଏଭଳି ଆକ୍ରମଣ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଚତୁର୍ଥ ସ୍ତମ୍ଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରିସ୍ଥଳେ ଖବରଦାତାଙ୍କୁ ଏପରି ଆକ୍ରମଣ କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ହଡପ ଟଙ୍କା ଫେରାଇଲେ କିରାଣି

ମାଥିଲି , ୧।୧୦ (ଡି.ଏନ.ଏ)

ଦିନକୁ ଦିନ ମାଲକାନଗିରି ଜିଲା ମାଥିଲିସ୍ଥିତ ଉତ୍କଳମଣି ଗୋପବନ୍ଧୁ ଜୁନିୟର କଲେଜରେ ହୋଇଥିବା ଅର୍ଥ ହେରଫେର ଘଟଣା ନୂଆମୋଡ ନେବାରେ ଲାଗିଛି । ୯ ଲକ୍ଷ ୩୩ ହଜାର ଟଙ୍କା ଏବଂ ରସିଦ ବାବଦରେ ୧୧ ଲକ୍ଷ ୭୫ ହଜାର ଟଙ୍କା ହେରଫେର ଘଟଣା ମନରୁ ନ ଲିଭୁଣୁ ପୁଣି ଲକ୍ଷାଧିକ ଅର୍ଥ ହେରଫେର ହୋଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ପୂର୍ବରୁ ଅର୍ଥ ହେରଫେର କରିଥିବା ସମ୍ପୃକ୍ତ କଲେଜ କିରାଣି ମାନସ କୁମାର ଦାସ କଲେଜର ପରିଚାଳନା କମିଟିକୁ ୪ ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ କରିଛନ୍ତି । ବଳକା ଅର୍ଥ ଆଦାୟ ପାଇଁ ବୈଠକ କରି ଏବାବଦରେ ନିଷ୍ପତ୍ତି ନିଆଯିବ ବୋଲି କଲେଜ ସମ୍ପାଦକ ଜୀବନ ସାହୁ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପତ୍ର ବିନିମୟ ପାଠ୍ୟକ୍ରମ (ସିସି କୋର୍ସ) ବାବଦରେ ମଧ୍ୟ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ୨୦୧୪- ୧୫ , ୨୦୧୫ -୧୬ ଏବଂ ୨୦୧୬ - ୧୭ ଆର୍ଥିକ ବର୍ଷରେ ପତ୍ର ବିନିମୟ ପାଠ୍ୟକ୍ରମ ବାବଦରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ହୋଇଥିବା ଅର୍ଥ ସମ୍ପର୍କରେ କଲେଜ ତରଫରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ । ଗତ ଅଗଷ୍ଟ ୩ରେ ହୋଇଥିବା କଲେଜ ବୈଠକରେ ୨୦୧୭-୧୮ ବର୍ଷରେ ପତ୍ର ବିନିମୟ ପାଠ୍ୟକ୍ରମ ଦାୟିତ୍ୱରେ ଅଧ୍ୟାପକ ରଜନୀକାନ୍ତ ଶଙ୍ଖୁଆ ଓ ଡେମୋଷ୍ଟ୍ରେଟର ପ୍ରଭାତ ସେନ ଥିଲେ । ସମସ୍ତ ଅର୍ଥ ହିସାବପତ୍ର ଏବଂ ବଳକା ଅର୍ଥ କଲେଜ ଅଧ୍ୟକ୍ଷ ଏବଂ ସଭାପତିଙ୍କ ନିକଟରେ ଦାଖଲ କରିଥିବା ଅଧ୍ୟାପକ ଶଙ୍ଖୁଆ କହିଥିଲେ । ଏ ସମ୍ପର୍କରେ ଉଭୟ ସମ୍ପାଦକ ଏବଂ ସଭାପତି ସ୍ୱୀକାର ମଧ୍ୟ କରିଥିଲେ । ତେବେ ୨୦୧୪-୧୫, ୧୫-୧୬ , ୧୬-୧୭ ବର୍ଷରେ ପତ୍ର ବିନିମୟ ପାଠ୍ୟକ୍ରମରେ ଆଡମିଶନ ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ଅର୍ଥକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଛାତ୍ରୀଛାତ୍ର, ସମସ୍ତ କାଗଜପତ୍ର ଓ ଅର୍ଥ ହିସାବପତ୍ର ଆଦି କୌଣସି ତଥ୍ୟ କଲେଜରେ ନ ରହିବା ରହସ୍ୟ ସୃଷ୍ଟି କରିଛି । ଏହି ଅର୍ଥ ହେରଫେର ପଛରେ କେତେକ କଲେଜ କର୍ମଚାରୀଙ୍କ ହାତ ଥିବା ମାଥିଲି ଜିଲା ପରିଷଦ ସଭ୍ୟ ବାଲାରାଜୁ କପେ ଅଭିଯୋଗ କରିଛନ୍ତି । ଏନେଇ ପ୍ରକୃତ ହିସାବ ନ ମିଳିଲେ ଆନ୍ଦୋଳନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ପତ୍ର ବିନିମୟ ପାଠ୍ୟକ୍ରମରେ ଫର୍ମଫିଲଅପ, ସାର୍ଟିଫିକେଟ ଏବଂ ପ୍ରାକ୍ଟିକାଲ ବାବଦକୁ ଅର୍ଥ ଆଦାୟ କରାଯାଇଛି । ଏହି ଅର୍ଥର ହିସାବ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ନ ଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ପତ୍ର ବିନିମୟ ପାଠ୍ୟକ୍ରମ ଚାଲୁଛି । ଛାତ୍ରୀଛାତ୍ରମାନେ ୬ ହଜାର ଟଙ୍କା ଲେଖାଏ ଆଡମିଶନ ବାବଦରେ ଦେଇଥାନ୍ତି । ସେଥିରୁ ପୁଣି ସାର୍ଟିଫିକେଟ ନେବା , ଫର୍ମଫିଲଅପ ଏବଂ ପ୍ରାକ୍ଟିକାଲ ବାବଦରେ ମଧ୍ୟ ଅର୍ଥ ଦେଉଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧।୧୦(ସ୍ୱ.ପ୍ର.): ଗଜପତି ଜିଲା ରାୟଗଡ ବ୍ଲକର ଗଙ୍ଗାବାଡ ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ ଯୋଗଦେଇ ଅଭିଯୋଗଗୁଡ଼ିକର ଅନୁଧ୍ୟାନ କରିଥିଲେ। ୪୭ଟି ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରେ ବ୍ୟକ୍ତିଗତ ୬ଟି ଓ ଗୋଷ୍ଠୀଗତ ୪୧ଟି ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### କଲେଜ ଖେଳପଡିଆ କାଦୁଅ ପଚପଚ

ପାରଳାଖେମୁଣ୍ଡି, ୧।୧୦(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳପଡିଆ କର୍ଦ୍ଦମାକ୍ତ ହୋଇପଡ଼ିଛି। ପ୍ରାୟ ୧ବର୍ଷ ତଳେ ୧୮ଲକ୍ଷ ଟଙ୍କା ବ୍ୟୟରେ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ସହର ଉପକଣ୍ଠରେ ଗଜପତି ଷ୍ଟାଡିୟମ ରହିଥିଲେ ମଧ ଏହି ଖେଳପଡିଆଟି ସହରର ଏକମାତ୍ର ବଡ ଖେଳପଡିଆ ହୋଇଥିବାରୁ ଯୁବଗୋଷ୍ଠୀ ଏହା ଉପରେ ନିର୍ଭର କରିଥାନ୍ତି। ବହୁ ବରିଷ୍ଠ ନାଗରିକ ମଧ ସକାଳ ଓ ସନ୍ଧ୍ୟାରେ ଭ୍ରମଣ କରିବାକୁ ଆସିଥାନ୍ତି । ମାତ୍ର ବର୍ତ୍ତମାନ ଏଠାରେ ଖାଲଖମା ସୃଷ୍ଟି ହୋଇ ବର୍ଷାପାଣି ଜମି ରହିଛି। ପୁରା ପଡ଼ିଆ କାଦୁଅ ପଚପଚ ହୋଇପଡ଼ିଛି। ଫଳରେ ଖେଳା ଖେଳି ତ ଦୂରର କଥା ବୁଲାବୁଲି କରିବା ମଧ ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଛାତ୍ର ଓ ଯୁବ ଗୋଷ୍ଠୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟର କ୍ରୀଡା ଅଧାପକଙ୍କୁ ପଚାରିବାରେ କହିଛନ୍ତି ଯେ, କିଛିଦିନ ତଳେ ପୋଲିସ ବିଭାଗ ପକ୍ଷରୁ ପ୍ରାର୍ଥୀ ଚୟନ ବେଳେ ପଡିଆ ମଧରେ ଅନେକ ଗାଡ଼ି ପ୍ରବେଶ କରିବା ଦ୍ୱାରା ଖାଲଖମା ସୃଷ୍ଟି ହୋଇଥିଲା । ପରେ ବର୍ଷା ଯୋଗୁ ସେଥିରେ ପାଣି ଭରିଯିବା ସହ ସ୍ଥାନେ ସ୍ଥାନେ କାଦୁଅ ହୋଇଛି। ପାଗ ଭଲ ହେଲେ ପଡ଼ିଆ ମରାମତି ପାଇଁ ପଦକ୍ଷେପ ନିଆଯିବ।

# ପିଲାଙ୍କୁ ନେଇଗଲେ ଅଭିଭାବକ: ପାଠପଢ଼ା ଠପ୍

## ବିଦ୍ୟାଳୟ ସ୍ଥାନାନ୍ତର ନେଇ ଅସନ୍ତୋଷ

ରାୟଗଡ଼ (ଗଜପତି), ୧।୧୦(ଡି.ଏନ.ଏ)

ବିଦ୍ୟାଳୟ ସ୍ଥାନାନ୍ତର ଘଟଣାକୁ ନେଇ ଗଜପତି ଜିଲା ରାୟଗଡ ବ୍ଲକ ସଦର ବସ୍‌ଷ୍ଟାଣ୍ଡ ନିକଟସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅସନ୍ତୋଷ ତେଜିବାରେ ଲାଗିଛି। ସୋମବାର ଅଭିଭାବକମାନେ ଆସି ପିଲାମାନଙ୍କୁ ନିଜ ଘରକୁ ନେଇଯାଇଛନ୍ତି। ଫଳରେ ସ୍କୁଲ ବନ୍ଦ ରହିବା ସହ ପାଠପଢା ଓ ମଧ୍ୟାହ୍ନଭୋଜନ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି।

ପ୍ରକାଶ ଯେ, ୧୮୨୫ ମସିହାରେ ସ୍ଥାପିତ ଏହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହରର ୪ଟି ୱାର୍ଡ ଅଧୀନ ୨୭୦ଜଣ ଛାତ୍ରୀଛାତ୍ର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି। ସେହିପରି ଏଠାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ମଧ ଚାଲୁଛି। ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟକୁ ବନ୍ଦ କରିଦିଆଯାଇ ସ୍ଥାନୀୟ



ବନ୍ଦ ରହିଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ସରକାରୀ ହାଇସ୍କୁଲରେ ମିଶ୍ରଣ କରାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାକୁ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସମସ୍ୟମାନେ ବିରୋଧ କରିଛନ୍ତି। ସେମାନେ ସୋମବାର ଅସନ୍ତୋଷ ପ୍ରକାଶ କରିବା ସହ ନିଜ ନିଜ ପିଲାଙ୍କୁ ଘରକୁ ନେଇଯାଇଛନ୍ତି। ଫଳରେ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ସବୁଦିନ ପରି ଠିକ୍ ସମୟରେ ବିଦ୍ୟାଳୟକୁ ଆସିଥିଲେ। ତେବେ ପାଠପଢା ସ୍ଥାନୀୟ ହାଇସ୍କୁଲରେ ହେବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିବାରୁ ପିଲାମାନେ ଏକଥା ନିଜ ଅଭିଭାବକମାନଙ୍କୁ ଜଣାଇଥିଲେ। ଏହାପରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ଧରି ସେମାନେ ଘରକୁ ଚାଲିଯାଇଥିଲେ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସରକାରୀ ହାଇସ୍କୁଲକୁ ଯାଇଥିଲେ। ଏ ନେଇ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ମଣିମାଳାଙ୍କୁ ପଚାରିବାରେ କହିଛନ୍ତି ଯେ, ଯଦି ସେଠାକାର ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ପିଲା ନିଜ ସ୍କୁଲରେ ପଢିବାକୁ ଚାହୁଁଛନ୍ତି ତେବେ ସେଠାରେ କ୍ଲାସ ଚାଲିବ। ଅନ୍ୟପକ୍ଷେ ଏ ନେଇ ରବି ମୁଦ୍ୟାଲୁ କହିଛନ୍ତି ଯେ, ହାଇସ୍କୁଲରେ ଦୁଇଟି ବିଦ୍ୟାଳୟ ମିଶିଯାଉଥିବାରୁ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଯାହା କିଛି ନିଷ୍ପତ୍ତି ନେବେ। ବିଇଓ ଏବଂ ଏବିଇଓଙ୍କ ସହ ଆଲୋଚନା କରାଯାଇ ପିଲାଙ୍କ ସୁବିଧା ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ସ୍କୁଲରେ ତାଲା ପକାଇ ଧାରଣା

କାଶୀନଗର, ୧।୧୦(ଡି.ଏନ.ଏ)

କାଶୀନଗର ଏନ୍‌ଏସି ଅନ୍ତର୍ଗତ ହରିଜନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ମାଜଲା ସାହି ସ୍କୁଲରେ ମିଶ୍ରଣ କରାଯିବାର ପ୍ରଶାସନିକ ନିଷ୍ପତ୍ତି ତଥା ନିର୍ଦ୍ଦେଶନାମାକୁ ବିରୋଧ କରିଛନ୍ତି ହରିଜନ ସାହି ବାସିନ୍ଦା। ଏନେଇ ସେମାନେ ସୋମବାର ବିଦ୍ୟାଳୟରେ ତାଲା ପକାଇଛନ୍ତି। ସୂଚନା ଅନୁଯାୟୀ, ଏହି ପୁରାତନ ଶିକ୍ଷାନୁଷ୍ଠାନ ୧୯୫୧ ମସିହାରେ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏଠାରେ ୧୬୦ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ମାଜଲା ସାହି ସ୍କୁଲ ସହିତ ଏହି ବିଦ୍ୟାଳୟର ମିଶ୍ରଣ ଘଟିଲେ ଛାତ୍ରୀଛାତ୍ରଙ୍କର ଯାତାୟାତ ସହ ନାନା ସମସ୍ୟା ହେବ। ଏହା ଜଣାଇ ପୂର୍ବରୁ ୧, ୨, ୩ନମ୍ବର ୱାର୍ଡବାସୀ ତଥା ଅଭିଭାବକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲାପାଳ, ଡିଇଓ ଏବଂ ବିଇଓଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ମାତ୍ର ସୁଫଳ ମିଳିଲା ନାହିଁ। ତେଣୁ ଗ୍ରାମବାସୀ ବାଧ୍ୟ ହୋଇ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଶିକ୍ଷା ବିଭାଗର କର୍ମଚାରୀ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣାରୁ ଓହରିଥିଲେ। ସେହିପରି ଏହି ଏନ୍‌ଏସି ଅଧୀନ ବହୁ ପୁରାତନ ସ୍କୁଲର ମିଶ୍ରଣକୁ ନେଇ ବିରୋଧର ସ୍ୱର ଉଠିଛି।



ସାହି ବାସିନ୍ଦା ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

# ‘ବୟୋଜ୍ୟେଷ୍ଠଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ଉଚିତ’

ପାରଳାଖେମୁଣ୍ଡି, ୧।୧୦(ସ୍ୱ.ପ୍ର.)

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୋମବାର ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮ଟାରେ ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିସଚେତନତା ସୃଷ୍ଟିକରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସଭାରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପି.କେ.ପାଢୀ ଯୋଗଦେଇ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସ୍ନେହ ଓ ସମ୍ମାନ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନେ ନିଜକୁ ସମାଜରେ ଅବହେଳିତ ମନେ କରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ସେମାନେ ସର୍ବଦା ସୁସ୍ଥ ରହିବା ପାଇଁ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରିବା ସହ ଶରୀର ଉପଯୋଗୀ ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକ। ବୟୋଜ୍ୟେଷ୍ଠମାନଙ୍କୁ ସମସ୍ତଙ୍କ ସହ ସମାନ ଭାବେ ସ୍ନେହ ଶ୍ରଦ୍ଧା ଦିଆଯାଇପାରିଲେ ସେମାନେ ନିଜକୁ ଏକୁଟିଆ ମନେ କରିବେ ନାହିଁ। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମିତି ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ବହୁ ବରିଷ୍ଠ ନାଗରିକ ନିଜର ରକ୍ତଚାପ, ମଧୁମେହ ଇତ୍ୟାଦି ପରୀକ୍ଷା କରାଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପି.କେ.ପାତ୍ର, ଡାକ୍ତର ଭି.ଏଲ୍.ଏନ୍.ରାଜୁ, ମ୍ୟାଲେରିଆ ନିରାକରଣ ଅଧିକାରୀ ଛନ୍ଦା କାନୁନ୍‌ଗୋ, ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳକ ସୌମ୍ୟାରାଣୀ ଗୌଡ, ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶରତ ଚନ୍ଦ୍ର ମହାପାତ୍ର, ତଥ୍ୟ ପରିଚାଳକ ତୁଷାରକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉତ୍କଳ ହିତୈଷିଣୀ ସଭାଗୃହରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସମ୍ପାଦିକା ଦୀପା ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ହିତୈଷିଣୀ ସମାଜର ସଭାପତି ଗୌରଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ଅନେକ ସମୟରେ ନିଜକୁ ଅକ୍ଷମ ଭାବି ଅଧିକ ଦୁର୍ବଳ ହୋଇପଡନ୍ତି। ପରିବାରରେ ସେମାନଙ୍କୁ ଉଚିତ ସ୍ନେହ ଶ୍ରଦ୍ଧା ଓ ସମ୍ମାନ ମିଳିଲେ ସେମାନଙ୍କ ମନୋବଳ ଦୃଢ ହେବା ସହ ଶରୀର ସୁସ୍ଥ ରହିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଭି.ଏଲ୍.ଏନ୍.ରାଜୁ ଯୋଗଦେଇ ବରିଷ୍ଠ ନାଗରିକମାନେ ନିୟମିତ ବାୟାମ କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ବନମାଳି ମହାପାତ୍ର, ତ୍ରିପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ହିଲ୍‌ଟପ୍ କଲେଜରେ ସର୍ଜିକାଲ ଷ୍ଟ୍ରାଇକ ଦିବସ

ମୋହନା,୧।୧୦(ଡି.ଏନ.ଏ.)

ଗଜପତି ଜିଲା ମୋହନାସ୍ଥିତ ହିଲ୍‌ଟପ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ଜଗନ୍ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏନଏସଏସ ବିଭାଗ ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ ହୋଇଯାଇଛି। ପ୍ରୋଜେକ୍ଟର ମାଧ୍ୟମରେ ଭାରତ କିଭଳି ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ସଫଳତା ପାଇଥିଲା ସେନେଇ ଏକ ଫିଲ୍ମ ପ୍ରଦର୍ଶନ କରାଯିବା ସହ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଏନଏସଏସ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏଥିସହ ଦେଶ ସେବା କରିବା, ସୁରକ୍ଷା ଦେବା ଓ ଦେଶର ଟେକ ରଖିବା ସମ୍ପର୍କରେ ପ୍ରେରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ରୀତା କୁମାରୀ ଶତପଥି, ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ନନ୍ଦ ପରିଚାଳନା କରିଥିବା ବେଳେ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ ।

# ଯୁବ ରେଡକ୍ରସ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଗୁମ୍ମା, ୧।୧୦(ଡି.ଏନ.ଏ)

ଗୁମ୍ମା ବ୍ଲକର ବିନୋଦିନୀ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂଯୋଜିକା କଳ୍ପନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ନିଳକଣ୍ଠପୁରର ମୁଖ୍ୟ ରାସ୍ତା ଓ ଆଖପାଖ ଅଞ୍ଚଳ ସଫେଇ କରାଯାଇଥିଲା। ପଲିଥିନ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ ଛାତ୍ରୀଛାତ୍ରମାନେ ସଚେତନ କରାଇଥିଲେ। ଏଥିସହ ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ଗୋଷ୍ଟଚନ୍ଦ୍ର ପଣ୍ଡା, ବିନୋଦ ଚନ୍ଦ୍ର ରଥ, ବିଜୟଲକ୍ଷ୍ମୀ ପରିଚ୍ଛା ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଖବରଦାତାମାନେ।

# ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୧।୧୦(ସ୍ୱ.ପ୍ର.)

ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାମାନଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ସୋମବାର ଗଜପତି ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ଆୟୋଜନ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଅପରାହ୍ନ ୪ଟାରେ ସ୍ଥାନୀୟ ରାଜପ୍ରାସାଦ ସମ୍ମୁଖରୁ ଖବରଦାତାମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପୋଲିସ ବିରୋଧୀ ସ୍ଲୋଗାନମାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ଜଣାଇଥିଲେ। ଏ ନେଇ ଜିଲାପାଳ ଅନୁପମ ଶାହାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ତାରିଣୀ ପ୍ରସାଦ ପଣ୍ଡା, ଗଣେଶ ରାଜୁ, କେ. ରାମସ୍ୱାମୀ, ରୂପେଶ ସାହୁ, ଗୋବିନ୍ଦ ଆଚାର୍ଯ୍ୟ, ଆଦର୍ଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




CLASSIFIED DISPLAY













### ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଦାବିପତ୍ର ପ୍ରଦାନ

ପାରଳାଖେମୁଣ୍ଡି, ୧।୧୦(ସ୍ୱ.ପ୍ର.)

ଗଜପତି ଜିଲା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଥମେ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ପାରଳାଖେମୁଣ୍ଡି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ଏଏନ୍‌ଏମ୍‌ଙ୍କ ଭଳି ସୁବିଧା ସୁଯୋଗ, ୧୯୮୬ ମସିହାରୁ ଏଏନ୍‌ଏମ୍ ଭାବେ ନିଯୁକ୍ତ କର୍ମଚାରୀଙ୍କୁ ପଦନ୍ନୋତି, ରାଜ୍ୟ ସରକାରଙ୍କ ୧୯୯୨ ମସିହା ପେନ୍‌ସନ୍ ରୁଲ୍ ଅନୁଯାୟୀ ପେନ୍‌ସନ୍ ଦେବା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଚୁକ୍ତିଭିତ୍ତିକ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ କରିବା, ସ୍ୱାସ୍ଥ୍ୟବୀମା ଓ ସମସ୍ତ ସରକାରୀ ଛୁଟି ଲାଗୁ, ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ମମତା ଗୃହ ନିର୍ମାଣ ଇତ୍ୟାଦି ଦାବି ଏଥିରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘ ସଭାପତି ଏନ୍.ଲକ୍ଷ୍ମୀଆମ୍ମା, ସମ୍ପାଦିକା ଶାନ୍ତିଲତା ବିଶ୍ୱାଳଙ୍କ ସମେତ ବହୁ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮



ଯାହା ହାତରେ ଶାସନ କ୍ଷମତା ଅଛି, ସେ ଯଦି ଖୋସାମଦଠାରୁ ଦୂରରେ ନ ରହିଲା, ତେବେ ସମାଜର ନିଶ୍ଚୟ କ୍ଷତି ହୋଇଯିବ।
-ଜୋନ୍ ଫ୍ଲାଭେଲ୍



## ସଂକ୍ଷେପରେ



### ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ସ୍ମାରକପତ୍ର

ରାମନାଗୁଡ଼ା,୧।୧୦(ଡ଼ି.ଏନ.ଏ): ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର ଖବରଦାତାମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ବିଡ଼ିଓ ସୁଧାକର ରଇତଙ୍କୁ ପ୍ରଦାନ କରାଯାଇଛି । ପୁରୀରେ ଖବରଦାତାଙ୍କୁ ପୋଲିସର ମାଡ଼ ଏବଂ ବାଲେଶ୍ୱରରେ ବିଧାୟକଙ୍କ ମାଡ଼ ଘଟଣାକୁ ବିରୋଧ କରି ଏହି ଏ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହିତ ବ୍ଲକସ୍ତରୀରେ ମଧ୍ୟ ଖବରଦାତାମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିଥିଲେ ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ମୁନିଗୁଡ଼ା,୧।୧୦(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଅବସ୍ଥାପିତ ଓଁ ଶାନ୍ତି ବା ପ୍ରଜାପିତା ଇଶ୍ୱରୀୟ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଶାଖା ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବ୍ରହ୍ମାକୁମାରୀ ଦୀପାଞ୍ଜଳି ଓ ଅମିତ କୁମାରଙ୍କ ମିଳିତ ସଂଯୋଜନାରେ ସ୍ଥାନୀୟ ସିନେମା ହଲଠାରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ସଫେଇ କରାଯାଇ ଦୁଇ ପାର୍ଶ୍ୱରେ ଥିବା ଅନାବନା ଗଛକୁ କାଟି ନିଆଁ ଲଗାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟମାନଙ୍କ ସହ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ । ଏହି ଅବସରରେ ନିଜ ପରିବେଶ ନିଜେ ସଫା ରଖିବା ସହ ସମସ୍ତ ଘର ଓ ଦୋକାନରେ ଡ଼ଷ୍ଟବିନ୍ ରଖି ସେଥିରେ ଅଳିଆ ଆବର୍ଜନା ପକାଇବା ଓ ସପ୍ତାହକୁ ଥରେ ନିଜେ ସଫା କରିବାକୁ ଅନୁରୋଧ କରାଯାଇଥିଲା ।

### ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ମୁନିଗୁଡ଼ା,୧।୧୦(ଡି.ଏନ୍.ଏ.): ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ ପ୍ରଶାସନ ଦ୍ୱାରା ବରିଷ୍ଠ ନାଗରିକ ଦିବସ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ବରିଷ୍ଠ ନାଗରିକମାନଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସ୍ଥାନୀୟ କ୍ଲଷ୍ଟର ହାଉସ୍ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। କଲ୍ୟାଣ ମଣ୍ଡପଠାରେ ବିଡିଓ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡା, ତହସିଲଦାର ଫେର୍‌ନାଣ୍ଡ ଏକ୍କା, ବ୍ଲକ ଉପାଧ୍ୟକ୍ଷା ଧର୍ମୀଷ୍ଠା ସାମନ୍ତ, ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେହେର୍ତ୍ତା ପ୍ରମୁଖ ଯୋଗଦେଇ ୧୪୫ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୪୦ ଜଣଙ୍କୁ ବିଧଭା ଭତ୍ତା ଓ ୧୫ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ମୋଟ ୩୦୦ ଜଣଙ୍କୁ ବଣ୍ଟନ କରିଥିଲେ । ସେହିପରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ନେହେରୁ ଯୁବ କେନ୍ଦ୍ର ଓ ଅଟଳ ବିହାରୀ ବାଜପେୟୀ କ୍ଲବ ତରଫରୁ ମଧ୍ୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ଏହି ଅବସରରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ମନ୍ତ୍ରୀ ଡା. ଗିରିଧର ଗମାଙ୍ଗ, ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ସୁବାସଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁନିଗୁଡ଼ାର ବରିଷ୍ଠ ନାଗରିକ ପ୍ରେମଲତା ତ୍ରିପାଠୀ, ସୁବାସଚନ୍ଦ୍ର ପାଢ଼ୀ, ଗୌରୀଶଙ୍କର ରଥ, ମୋହନ ରାଓ ପଟ୍ଟନାୟକ ଓ ପି. ମୋହନରାଓ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

■ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ରାୟଗଡ଼ା ଗସ୍ତ

# ଆଗାମୀ ନିର୍ବାଚନର ରଣକୌଶଳ ନେଇ ଆଲୋଚନା

ରାୟଗଡା ଅଫିସ୍, ୧।୧୦

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୋମବାର ଦିନିକିଆ ରାୟଗଡା ଜିଲା ଗସ୍ତରେ ଆସିଛନ୍ତି। ସେ ପ୍ରଥମେ ଗୁଣପୁର ତା'ପରେ ବିଷମକଟକ ନିର୍ବାଚନ ମଣ୍ଡଳୀ ଗସ୍ତ କରି ଦଳୀୟ ନେତୃବୃନ୍ଦଙ୍କ ସହିତ ଦଳୀୟ ଆଲୋଚନା କରିଥିଲେ । ଏହାପରେ ରାୟଗଡା ସହରକୁ ଗସ୍ତ କରିଥିଲେ । ଦଳୀୟ କର୍ମୀମାନେ ତାଙ୍କୁ ଡୁମ୍ବିଗୁଡା ଛକ ନିକଟରୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଭାଜପାର ନେତୃବୃନ୍ଦଙ୍କୁ ନେଇ ଆୟୋଜିତ ବୈଠକରେ ସେ ଯୋଗ ଦେଇଥିଲେ । ବୁଥ୍‌ସ୍ତର କମିଟି ଗଠନ, ଆଗାମୀ ନିର୍ବାଚନର ରଣକୌଶଳ ଏବଂ ଦଳକୁ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ପୂର୍ବତନ ଏମପି ଜୟରାମ ପାଙ୍ଗୀ, ରାଜ୍ୟ ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, ରାଜ୍ୟ ସମ୍ପାଦକ ଶିଶିର ଗମାଙ୍ଗ, ଜିଲା ଭାଜପା ସଭାପତି ଶିବଶଙ୍କର ଉଲ୍ଲାକା, କେନ୍ଦ୍ର ଅନୁସୂଚିତ ଜାତିର ଉପସଭାପତି କାଳୀରାମ ମାଝି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଜତ ମାଦଳା, ଜିଲା ଉପସଭାପତି ହଳଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାୟଗଡା ସହର ସମେତ ଜିଲାର ଦୁର୍ଗାପାଡୁ, ସିଙ୍ଗାପୁର, ବଡରାଇସିଂପୁର, ଡଙ୍ଗାସିଲ ଅଞ୍ଚଳରୁ ବହୁ କର୍ମୀ ଜୁଏଲ ଓରାମଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଥିଲେ । ନୂତନ ଭାବେ ଯୋଗ ଦେଇଥିବା ଅଞ୍ଚଳବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବର୍ତ୍ତମାନ ସୁଦ୍ଧା ଆସିକାର ୭ଟି ବିଧାନସଭା ମଣ୍ଡଳୀ, କନ୍ଧମାଳର ୭ଟି ଏବଂ ରାୟଗଡାରେ ୩ଟି ବିଧାନସଭା ମଣ୍ଡଳୀ ମୋଟ ୧୭ଟି ବିଧାନସଭା ମଣ୍ଡଳୀରେ ଦଳୀୟ ନେତୃବୃନ୍ଦଙ୍କ ସହିତ ବୈଠକ କରି ସାରିଲିଣି । ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଜାଗାରେ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ବୁଥ୍ କମିଟି ଗଠନ ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଆୟୁଷମାନ ଭାରତ ଭଳି ମହତ୍ୱ ଯୋଜନାକୁ ରାଜ୍ୟ ସରକାର ଗ୍ରହଣ କରୁନାହାଁନ୍ତି । ବହୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଏକ୍ସରା ମେଶିନ, ଓଲଟ୍ରାସାଉଣ୍ଡ, ନର୍ସ, ଡାକ୍ତରଙ୍କ ଅଭାବ ରହିଛି । ସାଧାରଣ ଗରିବ ଲୋକମାନେ ଆୟୁଷମାନ ଭାରତ ମହତ୍ୱ ଯୋଜନାରେ ସମସ୍ତ ପ୍ରକାର ଚିକିତ୍ସାର ସୁବିଧା ପାଇପାରିବେ । କିନ୍ତୁ ଓଡ଼ିଶା ସରକାର କରିଥିବା ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସମସ୍ତ ପ୍ରକାର ସୁବିଧା ନାହିଁ । ବର୍ତ୍ତମାନ ୭ଦିନଧରି ଦଳ ପକ୍ଷରୁ ଦସ୍ତଖତ ଅଭିଯାନ ଜାରି ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପେଟ୍ରୋଲ ଦର ବୃଦ୍ଧି ସମ୍ପର୍କରେ ପଚାରିବାରୁ , ୟୁପିଏ ସରକାର ସମୟରେ ପେଟ୍ରୋଲ ଦର ୮୦ ଟଙ୍କାରୁ ଊର୍ଦ୍ଧ୍ୱ ଥିଲା। ଡଲାର ଦର ବଢୁଥିବାରୁ ତୈଳ ଦର ବୃଦ୍ଧି ପାଉଛି । ରାଜ୍ୟରେ ଏପରି ଅବସ୍ଥା ଲାଗି ରହିଥିବାରୁ ରାଜ୍ୟ ଟିକସରୁ ଓଡ଼ିଶା ସରକାର ପ୍ରଥମେ ଟିକସ କମାଇବା ଦରକାର ବୋଲି କହିଥିଲେ । ଆସନ୍ତା ୨୦୧୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଓଡ଼ିଶାରେ ୧୦୦ରୁ ଊର୍ଦ୍ଧ୍ୱ ସିଟ୍‌ରେ ଭାଜପା ବିଜୟୀ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।




ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଅନ୍ୟମାନେ ।

# ୩ ଦିନ ପରେ ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ରାୟଗଡା ଅଫିସ୍, ୧।୧୦

ନାଗାବଳୀ ନଦୀରେ ବୁଡ଼ି ନିଖୋଜ ଥିବା ଛାତ୍ରଙ୍କ ମୃତଦେହକୁ ଅଗ୍ନିଶମ କର୍ମଚାରୀମାନେ ୩ ଦିନ ପରେ ଉଦ୍ଧାର କରିଛନ୍ତି । ମୃତ ଛାତ୍ର ଜଣକ ହେଲେ କାଶୀପୁର ବ୍ଲକ୍ ଦୋରାଗୁଡା ଥାନା ଅନ୍ତର୍ଗତ କୁଗୁପୁଟ ଗ୍ରାମର ଲକ୍ଷ୍ମଣ ନାଏକ। ପିତାମହଲ ପଞ୍ଚାୟତ ବେହେରାଗୁଡା ଗ୍ରାମ ନିକଟ ନଦୀକୂଳରେ ଏକ ମୃତଦେହ ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଶେଷଖାଲ ଥାନାଧିକାରୀ ପୀତବାସ ଧାରୁଆଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବସନ୍ତ କୁମାର ଗୁଣ୍ଟା, କନଷ୍ଟେବଲ ଏସ୍.କେ ରାହୁଲ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବେହେରାଗୁଡା ଗ୍ରାମ ନିକଟ ନାଗାବଳୀ ନଦୀକୂଳରୁ କ୍ଷତବିକ୍ଷତ ଅବସ୍ଥାରେ ଥିବା ଲକ୍ଷ୍ମଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଉଦ୍ଧାର ସମୟରେ ଲକ୍ଷ୍ମଣଙ୍କ ପିତା ଲାଇବନ ନାୟକ, ଦାଦାଙ୍କ ପୁଅ କାମାର ନାଏକ, ବଡବାପାଙ୍କ ପୁଅ ସୋମନାଥ ଖରା ଓ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ । ପରେ ଠକ୍କର ବାପା ଆଶ୍ରମ ବିଦ୍ୟାଳୟ ଅଧ୍ୟକ୍ଷ ବିଚିତ୍ରାନନ୍ଦ ସାହୁ ପହଞ୍ଚିଥିଲେ। ଏନେଇ ଶେଷଖାଲ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୦/୧୮) ରୁଜୁ କରିଛି। ସୂଚନାଯୋଗ୍ୟ, ଲକ୍ଷ୍ମଣ ରାୟଗଡା ସହରରେ ଥିବା ଠକ୍କର ବାପା ଆଶ୍ରମରେ ରହି ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ । ଗତ ଶୁକ୍ରବାର ଲକ୍ଷ୍ମଣ ସାଙ୍ଗମାନଙ୍କ ସହ ରାୟଗଡା ସହରରେ ଥିବା ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଅସାବଧାନତା ଯୋଗୁ ୨ଜଣ ଛାତ୍ର ପାଣିରେ ବୁଡିଯାଇଥିଲେ । ସ୍ଥାନୀୟ ଲୋକେ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଲକ୍ଷ୍ମଣଙ୍କ ପତ୍ତା ପାଇ ନ ଥିଲେ ।



ମୃତଦେହକୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ଆଣୁଛନ୍ତି ।

# ଦଳକୁ ସୁଦୃଢ଼ କରିବା ନେଇ ଆଲୋଚନା

ମୁନିଗୁଡ଼ା,୧।୧୦(ଡି.ଏନ୍.ଏ.)

କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ରାୟଗଡା ଜିଲା ମୁନିଗୁଡ଼ା ଗସ୍ତ କରିଥିଲେ। ସେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ର ପର୍ବରେ ଯୋଗ ଦେଇଥିଲେ। ତାଙ୍କ ସହ ବରିଷ୍ଠ ଭାଜପା ନେତା ଜୟରାମ ପାଙ୍ଗି, ପୂର୍ବତନ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ, ଜିଲା ସଭାପତି ଶିବଶଙ୍କର ଉଲ୍ଲାକା ପ୍ରମୁଖଙ୍କ ସମେତ ବହୁ ଭାଜପା ନେତା ଯୋଗ ଦେଇଥିଲେ। ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ ଦଳ କିପରି ତୃଣମୂଳସ୍ତରରୁ ସୁଦୃଢ଼ ହୋଇ ବୁଥ୍‌ସ୍ତରରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସମନ୍ୱୟ ରଖି କାର୍ଯ୍ୟ କରିବ ସେନେଇ ଆଲୋଚନା କରିଥିଲେ । ଏଥିସହ ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର କଲ୍ୟାଣମଣ୍ଡପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଷମକଟକ ଓ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବ୍ୟକ୍ତିବିଶେଷ, ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଶତାଧିକ ଯୁବକ ଭାଜପାରେ ଯୋଗ ଦେଇଥିଲେ । ବିଶେଷକରି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମାଣ୍ଡାଙ୍ଗୀ ଭାଜପାରେ ଯୋଗଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ରାଜ୍ୟ ସମ୍ପାଦକ ଶିଶିର ଗମାଙ୍ଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାରଙ୍ଗଧର କାଡ୍ରାକା, ରାମକୃଷ୍ଣ ପଣ୍ଡା, ଭାସ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଦଳର ଯୁବନେତା ପଞ୍ଚାନନ ସାହୁ, କାହ୍ନା ବେହେରା, ପି. ସନ୍ତୋଷ କୁମାର , ରମେଶ ଗୌଡ଼, ରମେଶ ପାଣି ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ ।

### ବରିଷ୍ଠ ନାଗରିକ ଦିବସ ପାଳିତ

କୋଲନରା, ୧।୧୦(ଡ଼ି.ଏନ.ଏ)

କୋଲନରା ବ୍ଲକ୍ ଥେରୁବାଲିଠାରେ ଆଇଓବି ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଡୁମୁରିଗୁଡା, କାର୍ତ୍ତିକାଗୁଡା, ଖେଦାପଡା, ଥେରୁବାଲି ପଞ୍ଚାୟତରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବୃଦ୍ଧା ଯୋଗ ଦେଇଥିଲେ । ଏଥିରେ କେଲିଗୁଡା ସରପଞ୍ଚ ବାର୍ମାନୀ ମିଣିଆକା, ଶିବ ନାରାୟଣ ବେହେରା, ଭରତ ପଣ୍ଡା, କିଶୋର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ବ୍ୟାଙ୍କର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ । ଏହାକୁ ବ୍ୟାଙ୍କ ମ୍ୟାନେଜର ଦିନେଶ ସାହୁ ପରିଚାଳନା କରିଥିଲେ । ଡମ୍ବରୁ କାଡ୍ରାକା ସହଯୋଗ କରିଥିଲେ । ରେଣୁକା ସାହୁ ଧନ୍ୟବାଦ ଦେଇଥିଲେ ।

# ଆଦିବାସୀ ଯୁବସମାଜ ପକ୍ଷରୁ ଦାବିପତ୍ର

ରାୟଗଡା ଅଫିସ୍, ୧।୧୦

ରାୟଗଡା ବ୍ଲକ ଡାଙ୍ଗଲଡି ପଞ୍ଚାୟତ ଅନ୍ତର୍ଗତ ପାଙ୍ଗାବାଇ ଗ୍ରାମରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଦିବାସୀ ଯୁବ ସମାଜ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସମାଜ ସଭାପତି ପ୍ରତାପ ପୁଆଲାଙ୍କ ନେତୃତ୍ୱରେ ୫ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଡାଙ୍ଗଲଡି ଗ୍ରାମରେ ପ୍ରାୟ ୫୦ଟି ପରିବାର ବସବାସ କରୁଛନ୍ତି । ଗ୍ରାମରେ ଭଲ ରାସ୍ତାଟିଏ ନାହିଁ । ହସ୍‌ପିଟାଲକୁ ଯିବା ପାଇଁ ଗାଡି କିମ୍ବା ଆମ୍ବୁଲାନ୍ସ ଆସିପାରୁନାହିଁ । ଗ୍ରାମରେ ଗୋଟିଏ ମାତ୍ର ନଳକୂପ ଅଛି ତାହା ଅଚଳ ହୋଇ ପଡିରହିଛି । ତେଣୁ ଲୋକେ ପାଣି ପାଇଁ ଡ଼ହଳବିକଳ ହେଉଛନ୍ତି । ସେହିପରି ଗ୍ରାମରେ ଗୋଟିଏ ମଧ ବିଦ୍ୟାଳୟ ନାହିଁ। ସରକାରଙ୍କ ନିୟମାନୁଯାୟୀ ଗ୍ରାମରେ ସ୍କୁଲର ନିହାତି ଆବଶ୍ୟକ । ଏଠାରେ ୫୦/୬୦ପିଲା ଅଛନ୍ତି । ସ୍କୁଲ ନ ଥିବାରୁ ପିଲାମାନେ ୭ରୁ ୮କି.ମି ଦୂରକୁ ଯାଇ ପାଠପଢ଼ିବାରେ ଅସୁବିଧା ଉପୁଜୁଛି । ପ୍ରତ୍ୟେକ ଗ୍ରାମକୁ ବିଜୁଳି ସଂଯୋଗ କରିବା କଥା ଆମ ଗ୍ରାମରେ କେବଳ ଖୁଣ୍ଟ ପୋତା ଯାଇଛି। ୱାଇର ଖଞ୍ଜାଯାଇଛି କିନ୍ତୁ ବିଦ୍ୟୁତ୍ ନାହିଁ । ଅନେକ ଲୋକ ଇନ୍ଦିରାଆବାସ ପାଇବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ତାହା ପାଇପାରୁନାହାଁନ୍ତି । କାରଣ ରାସ୍ତାଘାଟ ଯାତାୟାତରେ ଅଭାବ ହେତୁ କାହାର ଦୃଷ୍ଟି ହେଉନାହିଁ। ଏଣୁ ଗ୍ରାମବାସୀ ଉକ୍ତ ସମସ୍ୟାର ସମାଧାନ ଲାଗି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦେୟାନା କିଲାକା, ମିଟୁ କାଡ୍ରାକା, ପାଲିଗା କିଲାକା, ଜନାଜୟ କାଡ୍ରାକା, ସୁନ୍ଦାରାଓ କାଡ୍ରାକା, ରବି କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।



ରାଜମିସ୍ତ୍ରି ସଂଘ ତରଫରୁ ସଫେଇ କରାଯାଉଛି ।

# ବାଲିଯାତ୍ରା ପାଇଁ ଗ୍ରାମ ସଫେଇ

ଚନ୍ଦ୍ରପୁର,୧।୧୦(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସୋରଡ଼ାଠାରେ ହେବାକୁ ଥିବା ପୁରାତନ ବାଲିଯାତ୍ରା ପାଇଁ ସୋମବାର ରାଜମିସ୍ତ୍ରି ସଂଘ ତରଫରୁ ଗ୍ରାମ ସଫେଇ କରାଯାଇଛି । ଗ୍ରାମର ବାଲିଘର ଚତୁପାର୍ଶ୍ୱ, ବସଷ୍ଟାଣ୍ଡ ଛକ, ଗଉଡ଼ସାହି, ଇନ୍ଦିରାନଗର ଆଦି ମୁଖ୍ୟସାହିଗୁଡ଼ିକୁ ସଫେଇ କରାଯାଇଛି । ସଂଘ ସଭାପତି ମହେଶ୍ୱର ଆଲାଡ଼ିଙ୍କ ନେତୃତ୍ୱରେ ଟୁଟୁ କ୍ରୀଟାଙ୍ଗା, କାଳିଆ ବଦାକୁଲୁ, ବାବୁଲା ପାତ୍ର, ମିଥୁନ ମାଳବିଶୋଇଙ୍କ ସମେତ ଗ୍ରାମର ଉଦ୍ୟୋଗୀ ଯୁବକ ସୁବ୍ରତ ମଣ୍ଡଳ, ଲୋକନାଥ ଦଣ୍ଡସେନା ପ୍ରମୁଖ ସହଯୋଗ କରିଛନ୍ତି । ବାଲିଯାତ୍ରା ପାଇଁ ଗ୍ରାମର ଚତୁପାର୍ଶ୍ୱରେ ଆଲୋକମାଳା ସଜା ଯାଇଛି । ଏଥିସହ ବିଭିନ୍ନ ମିଠାଦୋକାନ, ମୀନା ବଜାର ଓ ବହୁ ବ୍ୟବସାୟୀ ଏଠାରେ ଦୋକାନ ପକାଇଛନ୍ତି । ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ଯାତ୍ରା କମିଟି କବିରାଜ ପାତ୍ର, ଦୟାନିଧି ପାତ୍ର, ସୁବ୍ରତ ମଣ୍ଡଳ ପ୍ରମୁଖ କହିଛନ୍ତି।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କୋଲନରା, ୧।୧୦(ଡି.ଏନ୍.ଏ)

କୋଲନରା ବ୍ଲକ୍ ପରିସରରେ ସୋମବାର ଆନ୍ତର୍ଜାତୀକ ବରିଷ୍ଠ ନାଗରିକ ଦିବସ ଅବସରରେ ୧୦୪ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭତ୍ତା ବଣ୍ଟନ କରିଛନ୍ତି। ଏଥିରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତେଜରାଜ ନାଗ, ଜିଲା ପରିଷଦ ସଭ୍ୟା ସୋମୀ ହିମିରିକା, ଆଶୁତୋଷ କିଲାକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ଶିବ ଗୋପାଳ ରାଓ, ବିଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, କୋଲନରା ସରପଞ୍ଚ ମଞ୍ଜୁଳା ଉର୍ଲାକା ଯୋଗ ଦେଇଥିଲେ । ପଞ୍ଚାୟତ ପିଇଓ ଭି.ମୂରଲୀକ୍ରିଷ୍ଣା ରାଓ, ଜିଆର୍‌ଏସ୍ ସୁଶାନ୍ତ ଦୋରା ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ହତାଦର ନ କରି ସେମାନଙ୍କୁ ସହଯୋଗ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ନିକଟସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ ଭୋଇ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ଶିବ ଗୋପାଳ ରାଓ ବରିଷ୍ଠ ନାଗରିକମାନଙ୍କୁ ପୂଜା କରିଥିଲେ ।



ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

■ କେଜିବିଭିରେ ଛଟେଇକୁ ବିରୋଧ

# ଜିଲାପାଳଙ୍କୁ ଭେଟିଲେ ୩୦ କର୍ମଚାରୀ

ରାୟଗଡା ଅଫିସ୍, ୧।୧୦

ରାୟଗଡା ଜିଲାର ୧୧ଟି ବ୍ଲକ୍‌ରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ର ପୁରୁଷ କର୍ମଚାରୀଙ୍କୁ ସରକାରଙ୍କ ତରଫରୁ ଛଟେଇ ଆରମ୍ଭ ହୋଇଛି । ଏହାକୁ କର୍ମଚାରୀମାନେ ବିରୋଧ କରିଛନ୍ତି । ରାୟଗଡା ଜିଲାର ୧୧ଟି କେଜିବିଭିର ୧୧ଜଣ ହିସାବ ରକ୍ଷକ ଏବଂ ୧୯ଜଣ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଛଟେଇ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଓପେପା ପକ୍ଷରୁ ଏହି ଚିଠି ପ୍ରଦାନ କରାଯାଇଥିବା ବେଳେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଚଳାଇଛି । ତେବେ ଏହି ୩୦ କର୍ମଚାରୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ନିଜର ଅଭିଯୋଗ ଦାଖଲ କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ଓପେପାର ଛଟେଇ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ବିରୋଧରେ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି । ଓପେପାର ଚିଠି ନମ୍ବର ୮୯୨୭/୧୭।୯।୨୦୧୮ରେ ତୁରନ୍ତ ଛଟେଇ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟରେ ଆଇନ୍‌ଜୀବୀମାନଙ୍କ ଆନ୍ଦୋଳନ ଚାଲିଥିବା ଯୋଗୁ ସେମାନଙ୍କ ମାମଲାର ବିଚାର ସ୍ଥଗିତ ରହିଛି । ତେଣୁ ମାମଲାର ବିଚାର ନ ହେଉଣୁ ଛଟେଇକୁ ସେମାନେ ବିରୋଧ କରିଛନ୍ତି । ଜୀବନର ଅଧା ବୟସରେ ୧୦ବର୍ଷ ଚାକିରୀ କରିବା ପରେ ବର୍ତ୍ତମାନ ଛଟେଇ କଲେ ସେମାନେ କରିବେ କ'ଣ ବୋଲି ପ୍ରଶ୍ନ କରିଛନ୍ତି । ତେଣୁ ନ୍ୟାୟାଳୟଙ୍କ ଆଗାମୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଛଟେଇ ନ କରିବାକୁ କର୍ମଚାରୀମାନେ ନିବେଦନ କରିଛନ୍ତି । ଅଭିଯାଗ ଶୁଣିବା ପରେ ଏହା ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ଜିଲାପାଳ ଗୁହା ପୁନମ ତାପସ କୁମାର କର୍ମଚାରୀମାନଙ୍କୁ କହିଥିଲେ । କର୍ମଚାରୀ ଅଶୋକ କୁମାର ଶତପଥୀ, ରଶ୍ମିରଞ୍ଜନ ମିଶ୍ର, ବି.ପ୍ରବୀଣ କୁମାର, ଜୟମଙ୍ଗଳ ମହାନ୍ତି, ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ ଏହି ଅଭିଯୋଗ ଦାଖଲ କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀ ।